‘ରାଜଭୂମି’ ପାଇଁ ପ୍ରତିନିଧି ଆବଶ୍ୟକ

ସାପ୍ତାହିକ ସମ୍ବାଦପତ୍ର ‘ରାଜଭୂମି’ ନିମନ୍ତେ ଓଡ଼ିଶାର ବିଭିନ୍ନ ବ୍ଲକ୍ ଓ ଜିଲ୍ଲା ପାଇଁ ପ୍ରତିନିଧି ଆବଶ୍ୟକ। ଆଗ୍ରହୀ ବ୍ୟକ୍ତି ନିଜର ବାୟୋଡ଼ାଟା, ଶିକ୍ଷାଗତ ପ୍ରମାଣପତ୍ର ଇମେଲ୍ ମାଧ୍ୟମରେ ଆମକୁ ପ୍ରେରଣ କରି ପାରିବେ।

ଇମେଲ୍ : rajbhumimedia@gmail.com


# ରାଜଭୂମି

ବର୍ଷ : ୦୫ | ସଂଖ୍ୟା : ୦୩ | ଭୁବନେଶ୍ୱର | ସାପ୍ତାହିକ (ଜୁଲାଇ ୨୬) | ମୂଲ୍ୟ : ୫.୦୦ | ପୃଷ୍ଠା : ୮





## ସୁନାବେଶରେ ଝଟକିଲେ ଚତୁର୍ଦ୍ଧାବିଗ୍ରହ

# ମହଣ ମହଣ ସୁନାରେ ହେଲେ ସଜେଇ







- ୧୨ଲକ୍ଷ ଶ୍ରଦ୍ଧାଳୁ ଦେଖିଲେ ଅପରୂପ ଦୃଶ୍ୟ
- ଆଜି ମହାପ୍ରଭୁଙ୍କ ଅଧରପଣା ନୀତି

**ପୁରୀ :** ବିଶ୍ୱନିୟନ୍ତା ଲୀଳାମୟଙ୍କ ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ର । ଲୀଳାମୟଙ୍କ ମାନବୀୟ ଲୀଳାଖେଳା ଚାଲିଛି । ଭାବର ଠାକୁର କାଳିଆ। କାଳିଆ ଭକ୍ତି ଭାବରେ ବନ୍ଧା। କାଳିଆ ଆଖି ସହ ଭକ୍ତର ଚର୍ମ ଆଖି ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ପାଲଟିଛି ଭକ୍ତମୟ ଜନସମୁଦ୍ର ।ପ୍ରାଚୁର୍ଯ୍ୟ,ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ । ବଡଦାଣ୍ଡରେ ବଡଦେଉଳ ଭିତରେ ବଡଠାକୁର ବିଶ୍ୱବିଦିତ ଜଗତକର୍ତ୍ତା ଜଗତରନାଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଅନ୍ୟତମ ଆକର୍ଷଣ ହେଉଛି ମହାପ୍ରଭୁଙ୍କ ସୁନାବେଶ। ଶୃଙ୍ଗାର ପ୍ରିୟ ଠାକୁରଙ୍କ ଚବିଶ ବେଶ ମଧ୍ୟରେ ଶ୍ରୀମନ୍ଦିରରେ ବାଇଶିଟି ବେଶ ହୋଇଥାଏ। ମହାପ୍ରଭୁଙ୍କ ବେଶ ମଧ୍ୟରେ ସୁନାବେଶ ଅତ୍ୟନ୍ତ ଦୁର୍ଲଭ । ଶ୍ରୀମନ୍ଦିରରେ ବିଜୟାଦଶମୀ, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ମାଘ ପୂର୍ଣ୍ଣିମାରେ ମଧ୍ୟ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଆଷାଢ ଶୁକ୍ଳ ଏକାଦଶୀଦିନ ଶ୍ରୀମନ୍ଦିର ସିଂହଦ୍ୱାର ରଥାରୁଢ ଶ୍ରୀଜୀଉଙ୍କ ସୁନାବେଶ ଅତ୍ୟନ୍ତ ମହନୀୟ। ଚିତାକର୍ଷକ ତଥା ନୈସର୍ଗିକ ବେଶକୁ ଅପଲକ ନୟନରେ ଅବଲୋକନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ,ଦର୍ଶନାର୍ଥୀ, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ରୁଣ୍ଡ ହୋଇଛନ୍ତି ବଡଦାଣ୍ଡରେ। ତିନି ରଥରେ ମଇଲମ ୧୨ଟା୧୫ ରୁ ୧୨ଟା୩୫,୩ରଥରେ ମହାସ୍ନାନ-ସର୍ବାଙ୍ଗ ୧୨ଟା୨୦ ରୁ ୧୨ଟା୫୦, ୩ରଥରେ ବେଶ ଶେଷ ୧ ଟାରୁ ୧ଟା୩୫ ୩ରଥରେ ମଧାହ୍ନ ଧୂପ ୧ଟା୫୦ ରୁ ୨ଟା୩୦, ୩ରଥରେ ମଇଲମ ୪ଟା୪୫ ରୁ ୪ଟା୫୫, ୩ରଥରେ ଶ୍ରୀଜୀଉଙ୍କର ଶାଢ଼ି ଖଣ୍ଡୁଆ ଲାଗି ସନ୍ଧ୍ୟା ଆଳତି ୪ଟା୫୫ ରୁ ୫ଟା୦୫,୩ରଥରେ ଏକାଦଶୀ ସର୍ବାଙ୍ଗ ୫ଟା ରୁ ୫ଟା୧୦, ୩ରଥ ରେ ୫ଟା ୧୯ରେସୁନାବେଶ ଆରମ୍ଭ ହୋଇଥିଲା। ମାର୍କେଟ ଛକ ଠାରୁ ବ୍ୟାରିକେଡ ଭିତର ଭକ୍ତ ମାନେ ଶୃଙ୍ଖଳିତ ଭାବେ ଯାଇ ରଥାରୁଢ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରି ଫେରିଛନ୍ତି। ପାଣି ସିଞ୍ଚନ ସହ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇଛି ସିଂହଦ୍ୱାର ଓ ବଡଦାଣ୍ଡ। ଆଷାଢ ଶୁକ୍ଳ ଏକାଦଶୀଦିନ ମଧାହ୍ନଧୂପ ଶେଷ ହେବା ପରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା । ପାଳିଆ ମେକାପ, ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ, ପୋଲିସ ଫୋର୍ସ, ମନ୍ଦିର ଗାରଦ ଓ କର୍ମଚାରୀଙ୍କ ସହାୟତାରେ ତିନିରଥ ଉପରକୁ ଭଣ୍ଡାର ଘରୁ ସୁନାବେଶ ପାଇଁ ସାମଗ୍ରୀ ଆଣିଥିଲେ । ପାଳିଆ ପୁଷ୍ପାଳକ, ଦଇତାପତି,ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ସେବକ ମାନେ ଉପସ୍ଥିତ ରହି ଶ୍ରୀବିଗ୍ରହମାନଙ୍କ ସୁନାବେଶ କରିଥିଲେ । ଅଳଙ୍କାର ମଧ୍ୟରେ ବଡଠାକୁର ଶ୍ରୀବଳଭଦ୍ରଙ୍କ ଶ୍ରୀପୟର, ଶ୍ରୀଭୂଜ,କିରୀଟ, ଓଡିଆଣି, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବା କଣ୍ଠି, ( ଆୟୁଧ) ହଳ ଓ ମୂଷଳ ବାହାଡା ମାଳି, ବାଘନଖ ମାଳି, ସେବତି ମାଳି, ତ୍ରିଖଣ୍ଡିକା କମରପଟି । ସେହିପରି ଦେବୀ ମା ସୁଭଦ୍ରାଙ୍କ କିରୀଟ, ଓଡିଆଣି କାନ,ଚନ୍ଦ୍ର ସୂର୍ଯ୍ୟ, ଘାଗଡା ମାଳି, କଦମ୍ବ ମାଳି, ୨ ଟି ତଗଡି, ସେବତି ମାଳି ଆଦି ପରିଧାନ କରି ଭକ୍ତଜନଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଳଙ୍କାର ମଧ୍ୟରେ କିରୀଟ, ଶ୍ରୀଭୂଜ, ଶ୍ରୀପୟର, ଓଡିଆଣି, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି,( ଆୟୁଧ) ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ହରିଡା, କଦମ୍ବ ମାଳି, ବାହାଡା ମାଳି, ତାବିଜ ମାଳି , ସେବତି ମାଳି, ତ୍ରିଖଣ୍ଡିକା କମରପଟି । ସୁନାବେଶ ଥାଇ ଠାକୁରମାନଙ୍କର ରାତ୍ରରେ ସନ୍ଧ୍ୟା ଆଳତି , ସନ୍ଧ୍ୟା ଧୂପ ନୀତି ଅନୁଷ୍ଠିତ ହୋଇଥିଲା । ସିଂହଦ୍ୱାର ଠାରେ ଶ୍ରୀବିଗ୍ରହମାନଙ୍କ ଏହି ଆକର୍ଷଣୀୟ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ । ହରିବୋଲ ହୁଳହୁଳି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡଦାଣ୍ଡ। ଶନିବାର ସକାଳୁ ସୁନାବେଶ ଶେଷ ହେବା ପର୍ଯ୍ୟନ୍ତ ପ୍ରାୟ ୧୨ଲକ୍ଷ ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଦର୍ଶନ କରିଥିବା କୁହାଯାଇଛି। ରାଜ୍ୟ ଓ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶାନ୍ତ ଶୃଙ୍ଖଳା ସହ ଦର୍ଶନ,ଭକ୍ତଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଅପରାହ୍ନ ୫ଟା ୧୦ରୁ ରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଠାକୁରମାନଙ୍କର ସୁନାବେଶ ଭକ୍ତମାନଙ୍କୁ ଅପାର ଆନନ୍ଦ ଦେଇଥିବା ପରିଲକ୍ଷିତ ହୋଇଥିଲା ।

# ପ୍ରହ୍ଲାଦ ଯୋଶୀ ଭାରତର ନୂଆ ଶିକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ : ନିଟ୍ ପେପର ଲିକ୍ ବିବାଦ ଏବଂ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ ମଧ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେବା ପରେ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳରେ ବଡ଼ ଧରଣର ଅଦଳବଦଳ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁପାରିଶ କ୍ରମେ ବରିଷ୍ଠ ବିଜେପି ନେତା କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଦେଶର ନୂଆ ଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ଥିବା ପ୍ରହ୍ଲାଦଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କର୍ଣ୍ଣାଟକ ରାଜନୀତିର ଜଣେ ପ୍ରଭାବଶାଳୀ ଚେହେରା ଭାବେ ପରିଚିତ ପ୍ରହ୍ଲାଦ ଯୋଶୀ ବର୍ତ୍ତମାନ ଧାରୱାଡ଼ ଲୋକସଭା ଆସନରୁ ସାଂସଦ ଅଛନ୍ତି। ୨୦୦୪ରେ ସେ ପ୍ରଥମ ଥର କର୍ଣ୍ଣାଟକର ଧାରୱାଡ଼ ଲୋକସଭା ସିଟ୍‌ରୁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ଏହା ପରେ ୨୦୦୯, ୨୦୧୪, ୨୦୧୯ ଏବଂ ୨୦୨୪ରେ କ୍ରମାଗତ ଚାରି ଥର ଏହି ଆସନରୁ ଜିତି ଆସିଛନ୍ତି। ସେ ଲଗାତାର ନିର୍ବାଚନ ଜିତି କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିବାର ବହୁ ଦୀର୍ଘ ଅଭିଜ୍ଞତା ରଖିଛନ୍ତି। ଏହାପୂର୍ବରୁ ସେ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ମନ୍ତ୍ରଣାଳୟ ଭଳି ବଡ଼ ଦାୟିତ୍ୱ ସଫଳତାର ସହ ତୁଲାଇସାରିଛନ୍ତି। ୧୯୬୨ ମସିହାରେ କର୍ଣ୍ଣାଟକର ବିଜାପୁରରେ ଜନ୍ମଗ୍ରହଣ କରିଥିବା ପ୍ରହ୍ଲାଦ ଯୋଶୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମାଧ୍ୟମରେ ନିଜର ସାମାଜିକ ଓ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୯୦ ଦଶକରେ ହୁବଲୀର ଇଦଗାହ ମଇଦାନରେ ଜାତୀୟ ପତାକା ଉତ୍ତୋଳନ ଆନ୍ଦୋଳନ ଜରିଆରେ ସେ ଦେଶବ୍ୟାପୀ ଚର୍ଚ୍ଚାକୁ ଆସିଥିଲେ। ପରବର୍ତ୍ତୀ ସମୟରେ ବିଜେପି ସଂଗଠନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବା ସହ କର୍ଣ୍ଣାଟକ ବିଜେପିର ରାଜ୍ୟ ସଭାପତି ଦାୟିତ୍ୱ ମଧ୍ଯ ତୁଲାଇଛନ୍ତି। ବର୍ତ୍ତମାନ ନିଟ୍ ପରୀକ୍ଷା ବିବାଦ ଯୋଗୁଁ ସାରା ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ, ଛାତ୍ରଛାତ୍ରୀଙ୍କ ବିଶ୍ୱାସ ପୁଣି ଜିତିବା ଏବଂ ଶିକ୍ଷା ମନ୍ତ୍ରଣାଳୟକୁ ସୁଚାରୁରୂପେ ପରିଚାଳନା କରିବା ନୂଆ ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।

# ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା



ନୂଆଦିଲ୍ଲୀ : ଛାତ୍ରଛାତ୍ରୀଙ୍କ ଜୋରଦାର ପ୍ରତିବାଦ ପାଖରେ ମୁଣ୍ଡ ନୁଆଁଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେବାପାଇଁ ବାଧ୍ୟ ହୋଇଛନ୍ତି ଦେଶବ୍ୟାପୀ ଆନ୍ଦୋଳନ ସକାଶେ। ସେ ତାଙ୍କର ଇସ୍ତଫାପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖକୁ ପଠାଇବା ସହ ସୋସିଆଲ ମିଡିଆରେ ଏହି ନିଷ୍ପତ୍ତିର କାରଣ ସ୍ପଷ୍ଟ କରିଛନ୍ତି। ନିଜ ଇସ୍ତଫାପତ୍ରରେ ଧର୍ମେନ୍ଦ୍ର ପ୍ରଧାନ ଲେଖିଛନ୍ତି ଯେ, ସେ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ଧରି ଛାତ୍ର, ଶିକ୍ଷକ ଏବଂ ଶିକ୍ଷା ସଂସ୍କାର ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏକ ସୁଦୃଢ଼, ଅନ୍ତର୍ଭୁକ୍ତିମୂଳକ ଏବଂ ଦୂରଦୃଷ୍ଟିସମ୍ପନ୍ନ ଶିକ୍ଷା ବ୍ୟବସ୍ଥା ହିଁ ଦେଶର ବିକାଶର ମୂଳଦୁଆ ବୋଲି ସେ ସଦାସର୍ବଦା ବିଶ୍ୱାସ କରିଆସିଛନ୍ତି। ‘ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ମାତ୍ରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା, ପୁନଃପରୀକ୍ଷା କରାଯାଇଥିଲା ଏବଂ ଆସନ୍ତା ବର୍ଷଠାରୁ ନିଟ୍ ପରୀକ୍ଷା ସମ୍ପୂର୍ଣ୍ଣ କମ୍ପ୍ୟୁଟର-ଆଧାରିତ (ସିବିଟି) ମୋଡ୍‌ରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ୨୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ନିରପେକ୍ଷ ପରୀକ୍ଷା ସୁନିଶ୍ଚିତ କରିବା ତାଙ୍କର ପ୍ରାଥମିକତା ଥିଲା। ସଫଳତାର ସହ ପୁନଃପରୀକ୍ଷା ଓ ଫଳାଫଳ ପ୍ରକାଶ ପାଇବା ପରେ ବି କିଛି ଲୋକ ଛାତ୍ରମାନଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରିଥିଲେ, ଯାହା ତାଙ୍କୁ ଗଭୀର ଆଘାତ ଦେଇଛି। ଏହା ତାଙ୍କର ବ୍ୟକ୍ତିଗତ ସମ୍ମାନର ବିଷୟ ନୁହେଁ, ବରଂ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତର ପ୍ରଶ୍ନ। ଛାତ୍ରମାନଙ୍କ ଭବିଷ୍ୟତ ଆଇନଗତ ବିବାଦ ଏବଂ ରାଜନୈତିକ ଦ୍ୱନ୍ଦ୍ୱରେ ଫସିଯାଉ କିମ୍ବା ସେମାନଙ୍କ ପାଠପଢ଼ା ପ୍ରଭାବିତ ହେଉ, ସେ ତାହା ଚାହାଁନ୍ତି ନାହିଁ। ଏହି କାରଣରୁ ସେ ନିଜ ପଦରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ପତ୍ରର ଶେଷରେ ଧର୍ମେନ୍ଦ୍ର ପ୍ରଧାନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶିକ୍ଷା ମନ୍ତ୍ରଣାଳୟର ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭାରତ ମାତା, ଓଡ଼ିଶାବାସୀ ଏବଂ ଦେଶର ଯୁବପିଢ଼ିଙ୍କ ସେବାରେ ସଦାସର୍ବଦା ନିୟୋଜିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଓଡ଼ିଶା ସରକାର-ଏଚ୍‌ସିଏଲ୍ ଟେକ୍-ସର୍ଭମ ଏଆଇ ମଧ୍ୟରେ ଏମ୍‌ଓୟୁ

- ୫ ବର୍ଷରେ ୧୫ ହଜାର କୋଟି ଟଙ୍କା ହେବ ନିବେଶ
- ୬୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

**ଭୁବନେଶ୍ୱର:** ରାଜ୍ୟରେ ଏକ ସୋଭରେନ୍ ଏଆଇ ପାର୍କ, ଏଆଇ ଡାଟା ସେଣ୍ଟର ଓ ଏକ ଗ୍ଲୋବାଲ୍ ଡେଭେଲପ୍‌ମେଣ୍ଟ୍ ସେଣ୍ଟର ସ୍ଥାପନ କରାଯିବ। ଏନେଇ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଓଡ଼ିଶା ସରକାର, ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍ ଓ ସର୍ଭମ୍ ଏଆଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ପ୍ରକଳ୍ପଗୁଡ଼ିକରେ ଆଗାମୀ ୫ ବର୍ଷରେ ୧୫ ହଜାର କୋଟି ଟଙ୍କା ନିବେଶ ହେବ। ଏଆଇ ପାର୍କକୁ ରାଜ୍ୟ ସରକାର ସ୍ଥାପନ କରିବେ। ସେହି ପାର୍କରେ ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍ ପକ୍ଷରୁ ସର୍ଭମ୍ ସହଯୋଗରେ ଏଆଇ ଡାଟା ସେଣ୍ଟର ସ୍ଥାପନ କରିବ। ଏହା ବ୍ୟତୀତ ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍ ପକ୍ଷରୁ ୭୩୦ କୋଟି ଟଙ୍କା ନିବେଶରେ ଏକ ଗ୍ଲୋବାଲ୍ ଡେଭେଲପ୍‌ମେଣ୍ଟ ସେଣ୍ଟର ସ୍ଥାପନ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ରାଜ୍ୟରେ ୬୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ପୂର୍ବରୁ ଆମେ ବିଦେଶୀ ଏଆଇ ଉପରେ ନିର୍ଭର କରୁଥିଲୁ। କିନ୍ତୁ ଏବେ ଆମର ସ୍ୱଦେଶୀ ଏଆଇ ସର୍ବମ ବିଶ୍ୱର ଯେକୌଣସି ଟେକ୍ନୋଲୋଜି ସହ ସମକକ୍ଷ ହୋଇପାରିଛି। ଗତ ଦୁଇ ବର୍ଷରେ ସରକାର କେବଳ ଖଣିଜ ଭିତ୍ତିକ ଶିଳ୍ପ ନୁହେଁ, ବରଂ ଏଆଇ, ବୟନ, ଫାର୍ମା ଓ ଆଇଟି ଭଳି ନୂଆ କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି। ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ସେ କହିଥିଲେ ଯେ ନିତି ଆୟୋଗର ନିବେଶ ଅନୁକୂଳ ସୂଚୀରେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି। ଏହି ସୂଚୀରେ ଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ପହଞ୍ଚିବାକୁ ଆମେ ଲକ୍ଷ୍ୟ ରଖିଛୁ। ରାଜ୍ୟରେ ଚୁକ୍ତି ହେବାରୁ ପ୍ରକଳ୍ପ ଆରମ୍ଭ ହେବା ମଧ୍ୟରେ ଲାଗୁଥିବା ସମୟ ୧୦୦ ଦିନକୁ ହ୍ରାସ ପାଇଛି। ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସରକାରୀ ସହଯୋଗ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ମହିଳା ଆରଆଇ

**କଟକ:** ଭିଜିଲାନ୍ସ ଜାଲରେ ମହିଳା ଆର ଆଇ (ରାଜସ୍ୱ ନିରୀକ୍ଷକ) ସାଇ ଦର୍ଶିନୀ ଲେଙ୍କା। ଜମି ମିଉଟେସନ ପାଇଁ ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ । ଜମି ମିଉଟେସନ ପାଇଁ ଲାଞ୍ଚ ମାଗୁଥିଲେ ସାଇଦର୍ଶିନୀ ଲେଙ୍କା । ସେ ଛଅ ହଜାର ଟଙ୍କା ଦେବାକୁ ଅଭିଯୋଗକାରୀଙ୍କୁ କହୁଥିଲେ। ଆଜି ୫୫୦୦ ଟଙ୍କା ଲାଞ୍ଚନେଉଥିବା ବେଳେ ଛକି ଥିଲା କେନ୍ଦ୍ରାପଡ଼ା ଭିଜିଲାନ୍ସ ଟିମ୍। ତାଙ୍କଠାରୁ ସବୁ ଟଙ୍କା ଜବତ କରାଯାଇଛି। କାଉପଦା ରାଜସ୍ୱ ନିରୀକ୍ଷକ ସାଇଦର୍ଶିନୀ ଲେଙ୍କା ଜମି ମିଉଟେସନ ପାଇଁ ୬ ହଜାର ଟଙ୍କା ଲାଞ୍ଚ ମାଗୁଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ ସ୍ଥାନୀୟ ବ୍ୟକ୍ତି। ଡେରାବିଶ ତହସିଲ୍ ଅଧୀନ କାଉପଦା ରାଜସ୍ୱ ନିରୀକ୍ଷକ ସାଇ ଦର୍ଶିନୀ ଲେଙ୍କାଙ୍କୁ ଉଠାଇନେଲା ଭିଜିଲାନ୍ସ ଟିମ। ଏହାପରେ ଗରାପୁର ସ୍ଥିତ ତାଙ୍କ ଭଡ଼ାଘର ସହ ଅନ୍ୟ ଦୁଇଟି ସ୍ଥାନରେ ଚଢ଼ାଉ ଜାରି ରଖିଛି ଭିଜିଲାନ୍ସ । ଏହି ଘଟଣା ସାରା କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

# ଗାନ୍ଧୀଜୀଙ୍କ ବିଚାର-ଭାରତର ଆତ୍ମା ଗାଁରେ ଅଛି



## ଧୀରେନ୍ଦ୍ର ନାଥ ଦାସ

ଗାନ୍ଧୀଜୀ କହୁଥିଲେ ଭାରତର ଆତ୍ମା ଗାଁରେ ଅଛି । ତତକାଳୀନ ସମୟରେ ୯୦ ଭାଗ ଲୋକ ଗ୍ରାମମାନଙ୍କରେ ବସବାସ କରୁଥିଲେ । ଦକ୍ଷିଣ ଆଫ୍ରିକାରୁ ଗାନ୍ଧୀ ଫେରିବାପରେ ପ୍ରଥମ ପାଞ୍ଚ ବର୍ଷ ଭାରତର ବିଭିନ୍ନ ପ୍ରାନ୍ତକୁ ବୁଲି ଦେଶର ପ୍ରକୃତ ସମସ୍ୟା ସଂପର୍କରେ ଜ୍ଞାନ ଅର୍ଜନ କରିବା ପରେ ଦେଶର ସ୍ୱାଧୀନତା ସଂପର୍କରେ ଚିନ୍ତା ଭାବନା କରି ଆଗେଇ ଥିଲେ । ଗାନ୍ଧୀଜୀ ବୁଝିଥିଲେ ଗ୍ରାମାଞ୍ଚଳରେ ରହିଥିବା ସମସ୍ୟା ଗୁଡ଼ିକର ସମାଧାନ ନହେଲେ ସ୍ୱାଧୀନତା ଆନ୍ଦୋଳନ ନିରର୍ଥକ ହେବ । ତେଣୁ ସେ ପ୍ରଥମେ ଗ୍ରାମାଞ୍ଚଳରୁ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ।

ବିଗତଦିନର ଗ୍ରାମ୍ୟ ଜୀବନ ସଂପର୍କରେ ଆମେ ସମ୍ୟକ ଆଲୋଚନା କରିବା । ସେତେବେଳର ଗ୍ରାମ୍ୟଜୀବନ ଅତ୍ୟନ୍ତ ସରଳ ନିରାଡମ୍ବର ଥିଲା । ଲୋକମାନଙ୍କର ଚଳଣି ମଧ୍ୟ ସେହିପରି ସାଧାରଣ ରହିଥିଲା । ନିଜ ବାଡ଼ି ବଗିଚାର ଯାହା ଫସଲ ଅମଳ କରୁଥିଲେ ସେଥିରେ ନିଜର ଜିବୀକା ନିର୍ବାହ କରୁଥିଲେ । ନିକଟସ୍ଥ ଗ୍ରାମର ବୁଣାକାର ମାନଙ୍କ ନିକଟରୁ ଧୋତି , ଗାମୁଛା , ଚାଦର ଓ ଶାଢୀ କିଣି ବ୍ୟବହାର କରୁଥିଲେ । କେତେକ ଶସ୍ୟ ବିନିମୟରେ ମଧ୍ୟ ଲୁଗାପଟା କିଣୁଥିଲେ । ରାତିରେ ଆଲୋକରେ ଚଳିବା ପାଇଁ ଘରେ ଘରେ ଯଡା , ପୁନାଙ୍ଗ , କରଞ୍ଜ ଆଦି ତେଲ ମାଟିଦୀପ ବ୍ୟବହାର କରୁଥିଲେ । ପରବର୍ତ୍ତୀ ସମୟରେ କିରାସିନି ମିଳିବାରୁ ଡିବିରି ଲଣ୍ଠନ ବ୍ୟବହାର କଲେ । ଝାଟିମାଟି ଦ୍ୱାରା ନିର୍ମିତ ସମସ୍ତଙ୍କର ଚାଳଘର ଥିଲା । କାଁ ଭାଁ କେତେକ ବିତ୍ତଶାଳୀ ଲୋକମାନେ ଖପର ବା କଡି ବରଗା ପକାଇ ଛାତ ଘରେ ରହୁଥିଲେ । ଲୋକମାନେ ଗଡିଆ , କୂଅ , ଚୁଆ , ନଦୀ , ଯୋର , ଝରଣାର ପାଣି ବ୍ୟବହାର କରୁଥିଲେ । ଖରାଦିନ ଡିରୋଟ ସମୟରେ ନଈକୂଳିଆ ଲୋକମାନେ ନଦୀ ବାଲିରେ ଚୁଆ ଖୋଳି ସେଥିରୁ ଜଳ ସଂଗ୍ରହ କରୁଥିଲେ । ବିଶୁଦ୍ଧ ପାନୀୟ ଜଳର ଅଭାବ ଯୋଗୁ ଲୋକମାନେ ଜଳ ବାହିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଥିଲେ । ଗ୍ରାମ ଦାଣ୍ଡ ମାଟି ରାସ୍ତା ଥିଲା । ପ୍ରତ୍ୟେକ ପରିବାରରେ ଗୋସଂପଦ ରହିଥିଲେ । ଗୋ ଚାରଣଭୂମି ରହିଥିଲା । ମହିଳା ମାନେ କାଠ ଚୁଲିରେ ମାଟିହାଣ୍ଡିରେ ରୋଷେଇବାସ କରୁଥିଲେ । ଅଧିକାଂଶ ଲୋକମାନଙ୍କ ବାଡି ବଗିଚାରେ ସାରୁ, କଖାରୁ , ବାଇଗଣ , କଦଳୀ , ମାଟିଆଳୁ , ମୂଳା , ଶାଗ , ଜହ୍ନି , କାକୁଡି, କଲରା ଓ ଖଡା ପ୍ରମୁଖ ଚାଷ କରାଯାଉଥିଲା ।

ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଥିଲା । ବିପଦ ଆପଦରେ ସେମାନଙ୍କ ମଧ୍ୟରେ ପରସ୍ପରକୁ ସହଯୋଗ କରୁଥିଲେ । ବୃକ୍ଷରାଜିରେ ଗାଁ ଗୁଡିକ ଗୋଟିଏ ସବୁଜ ବଳୟ ପରି ଦୃଶ୍ୟମାନ ହେଉଥିଲା । ଆମ୍ବ , ପଣସ , ପୁନାଙ୍ଗ , ଗୁଆ , ନଡିଆ , ବେଲ , ଜାମୁ , କେନ୍ଦୁ , କଇଥ , ପିଜୁଳି ଆଦି ଫଳଦାୟୀ ଗଛ ସହିତ ବର , ଅଶ୍ୱତ୍ଥ , ବଉଳ , ସିମିଳି , ଶାଳ , ପିଆଶାଳ , ବାନ୍ଧଣ , ଟିଣିଆ, ବାଉଁଶ, ନିମ୍ବ ଆଦି ଗଛ ଭରପୁର ରହିଥିଲା । ସେହିପରି ଭଇଁଚିକୋଳି , ବେତ କୋଳି , ନର କୋଳି , ଶଗଡବାଟୁଆକୋଳି ଭଳି ଭଳିକି ଭଳି କୋଳି ଗଛ ସହିତ କିଆ , କେତକି ଗଛ ପ୍ରଚୁର ରହିଥିଲା । ସଞ୍ଜବୁଡିଲେ ବିଲୁଆଙ୍କ ହୁକେ ହୋ ରଡି ଶୁଭୁ ଥିଲା । ଗଛ ଡାଳରେ ମହୁମାଛି ଭରା କରିଥିବା ହେତୁ ମହୁ ଉପଲବ୍ଧ ଥିଲା । ପହିଲି ଆଷାଢରେ ଗାଁ ଦାଣ୍ଡରେ ନାଲିଟୁକୁ ସାଧବବୋହୂ ଦେଖିବାକୁ ମିଳିଥାଏ । ଗାଁ ଦାଣ୍ଡରେ ପିଲାମାନେ ଡୁଡୁ, ବୋହୂ ଚୋରୀ ଆଦି ଖେଳକୁଦ କରୁଥିବା ବେଳେ ଝିଅମାନେ ପୁଚି, ଦଉଡିଡିଆଁ ଖେଳ ଯୋଗୁ ଗ୍ରାମ ପରିବେଶ ବେଶ ସୁଖକର କୋଳାହଳମୟ ରହୁଥିଲା ।

ସଞ୍ଜ ହେଲେ ବାଟୋଇ , ଭିକାରୀ ମାନେ ଆସି ଗାଁର ଧନୀଲୋକଙ୍କ ଘରେ ଅତିଥି ହୋଇ ରାତି ବିତାଇ ସକାଳୁ ଯେ ଯାହା ବାଟରେ ଯାଇଥାନ୍ତି । ଗାଁରେ ଦୋଳଯାତ୍ରା , ଦଶହରା , ରଜପର୍ବ , ମକର ସଂକ୍ରାନ୍ତି , ମାଣବସା ଗୁରୁବାର , ଖୁଦୁରୁକୁଣି ଓଷା , ଗହ୍ମାପୂର୍ଣିମା ସହିତ ବିଭିନ୍ନ ଦେବାଦେବୀଙ୍କ ଯାନିଯାତ୍ରା ଅନୁଷ୍ଠିତ ହୋଇଥାଏ । ହେଲେ ସେଥିରେ କୌଣସି ବାହ୍ୟ ଆଡମ୍ବର ନଥିଲା । ରୋଗ ବଇରାଗ ପାଇଁ ଚିକିତ୍ସା କେବଳ ଗାଁର ପୁଟୁଳି ବନ୍ଧା କବିରାଜମାନେ କରୁଥିଲେ । ଉପଯୁକ୍ତ ଚିକିତ୍ସା ନପାଇ ଅକାଳରେ ଲୋକମାନେ ମୃତ୍ୟୁ ବରଣ କରୁଥିଲେ । ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାର ଅଧିକ ଥିଲା । ସାଧାରଣରେ ଲୋକମାନଙ୍କ ଆୟୁ ୫୫ ରୁ ୬୦ ବର୍ଷ ଭିତରେ ରହିଥିଲା ଶିକ୍ଷା ବ୍ୟବସ୍ଥା କିଛି ନଥିଲା । ଗାଁ ଅବଧାନ କିଛି ପିଲାମାନଙ୍କୁ କଡା, କଣ୍ଡା, କାହାଣ, ପଣ, କୋଇଲି ଗୋପୀ ଭାଷା ବା ଭାଗବତ ପୋଥି ପଢାଇଥାନ୍ତି । ଗାଁ ମାନଙ୍କରେ ଭାଗବତ ଗାଦି ଘର ଥିଲା । ସେଠାରେ ଭାଗବତ ପାଠ ସହିତ ଗାଁର ସଭା ସମିତି ନ୍ୟାୟ ନି ସାପ ଆଦି କରାଯାଇ ତାହାର ସମାଧାନ କରାଯାଉଥିଲା । ଥାନା ଫାଣ୍ଡିକୁ ଲୋକମାନେ ନଯାଇ ଗାଁର କଳି ତକରାଳ ଗାଦି ଘରେ ସମସ୍ତେ ବସି ଆପୋଷ ସମାଧାନ କରୁଥିଲେ ।

ଗାଁ ଗୁଡିକରେ ଖାଦ୍ୟାଭାବ ରହିଥିଲା । ଅନେକ ଲୋକ ଅର୍ଦ୍ଧାହାର ରହୁଥିଲେ । ପୋଷାକ ପତ୍ରର ଅଭାବ ଯୋଗୁ ଲୋକମାନେ ଖଣ୍ଡିଏ ଧୋତି ବା ଗାମୁଛା ପିନ୍ଧୁଥିଲେ । ଅଧିକାଂଶ ବ୍ୟକ୍ତି ଶାରିରୀକ ଦୃଷ୍ଟିରୁ ଦୁର୍ବଳ ଥିଲେ । ଏହାରି ଭିତରେ ଲୋକମାନେ ଘାଣ୍ଟି ଚକଟି ହେଉଥିବା ବେଳେ ଜମିଦାର, ସାହୁକାର ମାନଙ୍କ ତାଡନା ଅନେକ ରହିଥିଲା । କେତେକଙ୍କୁ ଜମିଦାର , ଦଫାଦାର, ସାହୁକାର ମାନେ ଗରିବ ଲୋକମାନଙ୍କୁ ବେଠି, ବେଗାରି ଖଟଉଥିଲେ । ଗମନାଗମନ ପାଇଁ ରାସ୍ତା ନଥିବା ବେଳେ ଶିକ୍ଷା, ଖାଦ୍ୟ, ପୋଷାକ, ସ୍ୱାସ୍ଥ୍ୟ ଆଦି ବହୁବିଧ ସମସ୍ୟା ଭିତରେ ଘାଣ୍ଟି ହେଉଥିଲେ । ଏହିସବୁ କରୁଣ ଦୃଷ୍ୟ ଗୁଡିକ ଗାନ୍ଧୀଜୀ ଭାରତବର୍ଷର ବିଭିନ୍ନ ଅଞ୍ଚଳ ଗସ୍ତକରି ବୁଝି ପାରିଥିଲେ ଯେ ଭାରତର ଆତ୍ମା ଗାଁରେ ରହିଛି । ଗାନ୍ଧୀଜୀଙ୍କ ବିଚାରରେ କେବଳ ସହରର ଉନ୍ନତି କଲେ ଭାରତର ବିକାଶ ହେଲା ବୋଲି ଭାବିବା ଭୁଲ । ତେଣୁ ସର୍ବାଗ୍ରେ ଗ୍ରାମାଞ୍ଚଳର ଉନ୍ନତି କରାଯିବା ପାଇଁ ବଦ୍ଧପରିକର ହୋଇଥିଲେ । ବହୁ ଆନ୍ଦୋଳନ ଲଢେଇ ପରେ ଭାରତ ସ୍ୱାଧୀନ ହେଲା । ସ୍ୱାଧୀନତାର ୮୦ ବର୍ଷ ପରେବି ଗ୍ରାମାଞ୍ଚଳର ସମସ୍ୟା ସଂପୂର୍ଣ୍ଣ ଦୂର ହୋଇପାରିନାହିଁ ।

ସାମ୍ବାଦିକ - ସୁଆଣ୍ଡୋ
୯୯୩୮୧୩୯୦୮୧

# ଧର୍ମେନ୍ଦ୍ର ପ୍ରଧାନ କ'ଣ ଗର୍ବିତ ଓଡ଼ିଆ ନୁହଁନ୍ତି ?

## ପବିତ୍ର ବ୍ରହ୍ମପୁତ୍ର ନାୟକ



ଛାତ୍ର ଶକ୍ତି, ଯୁବ ଜିଦ୍ ପାଖରେ ସରକାର ମୁଣ୍ଡ ନୁଆଁଇଲେ, ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଲେ। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ସକାଶେ ଦେଶବ୍ୟାପୀ ଯଉ ବହ୍ନି କୁହୁଳୁଥିଲା ତାକୁ ଲିଭାଇବା ପାଇଁ ସରକାର ଆନ୍ଦୋଳନକାରୀଙ୍କ ସବୁ ସର୍ତ୍ତ ମାନିନେଲେ। ମାନିନେବାକୁ ବି ବାଧ୍ୟ ନହେଲେ ଆଗାମୀଦିନରେ ସରକାରଙ୍କ ପାଇଁ ଏହା ଅଡୁଆ ସଦୃଶ ହୋଇପାରେ। ଏସବୁ ପରେ ବି ଆମେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନେଇ ଗର୍ବ କରିବାର ଆବଶ୍ୟକତା ରହିଛି। ଜଣେ ଓଡ଼ିଆ ଛାତ୍ର ରାଜନୀତିରୁ ଯାଇ ଲଗାତର ଭାବେ ସ୍ଥାନ ପାଇବା, ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବା କଣ ଗୌରବର ବିଷୟ ନୁହେଁ। ଧର୍ମେନ୍ଦ୍ର ପ୍ରଧାନ କଣ ଅନ୍ୟ ମନ୍ତ୍ରୀଙ୍କ ତୁଳନାରେ ଓଡ଼ିଶା ପାଇଁ କିଛି କରି ନାହାଁନ୍ତି। ନା ଧର୍ମନ୍ଦ୍ର ପ୍ରଧାନ ଏପରି ଏକ କଳଙ୍କିତ, ଦୁର୍ନିତୀଗ୍ରସ୍ତ ନେତା ତାଙ୍କ ଇସ୍ତଫାରେ ଆମେ ଖୁସିରେ ଫାଟି ପଡ଼ିବା। ନିଟ୍ ପ୍ରଶ୍ନ ପତ୍ର ଲିକ୍ ହେବା ଦୁର୍ଭାଗ୍ୟର ବିଷୟ। ଖୋଦ୍ ମନ୍ତ୍ରୀଙ୍କ ଜାଣତରେ ଏହି ପ୍ରଶ୍ନପତ୍ର ଲିକ୍ ହୋଇଛି ତାହା ଭାବିବା ଭୁଲ୍। ଲିକ୍ ପରେ ସରକାର ଓ ମନ୍ତ୍ରୀ ତତ୍ପର ହୋଇ ନାହାଁନ୍ତି କି, ଗୁରୁତର ଭାବେ ନେଇ ନାହାଁନ୍ତି କି ଏହି ପ୍ରସଙ୍ଗକୁ ଥରେ ଭାବନ୍ତୁ ତ ! ନା, ଏହା ପ୍ରଥମଥର ହେଉଛି। ପୂର୍ବରୁ ବି ଅନେକଥର ପ୍ରଶ୍ନପତ୍ର ଲିକ୍ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଦେଲେ ଯେ ଆଗାମୀ ଦିନରେ ଲିକ୍ କିମ୍ବା ତ୍ରୁଟି ବିଚ୍ୟୁତି ରହିବନି ବୋଲି କିଏ କହି ପାରିବେ। କୌଣସି ମନ୍ତ୍ରୀ ଇସ୍ତଫା ଦେବା ସମସ୍ୟାର ସମାଧାନ ନୁହେଁ। ସମସ୍ୟାର ସମାଧାନ ହେଉଛି କୌଣସି ପ୍ରସଙ୍ଗକୁ ଗୁରୁତର ଭାବେ ନେଇ ଆଗାମୀଦିନ ପାଇଁ ସଚେତନ ହୋଇ ନିଷ୍ଠାପର ଭାବେ କାର୍ଯ୍ୟ କରିବା। ମନ୍ତ୍ରୀଙ୍କ ଇସ୍ତଫା ପରେ ବିରୋଧୀ, ଆନ୍ଦୋଳନକାରୀ ଖୁସିରେ ଫାଟି ପଡ଼ିବା ସୂଚାଉନି କି ଭିନ୍ନ ଉଦ୍ଦେଶ୍ୟ ରହୁଛି ଏହିସବୁ ପ୍ରତିବାଦରେ। ନିଟ୍ ପ୍ରଶ୍ନପତ୍ର ଲିକ୍ ପରେ ଅନ୍ଧାରକୁ ଠେଲି ହେଇଯାଇଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଜୀବନ ହାରିଥିବା ଛାତ୍ରଛାତ୍ର କଣ ନ୍ୟାୟ ପାଇଗଲେ କି ମନ୍ତ୍ରୀଙ୍କ ଇସ୍ତଫାରେ, ଆନ୍ଦୋଳନକାରୀ ଥରେ ଭାବନ୍ତୁ। ଲଢ଼େଇ ହେଉ, ଅନ୍ୟାୟ ବିରୁଦ୍ଧରେ ହେଉ। ତାମାନେ ନୁହେଁ ରାଜନୈତିକ ସ୍ୱାର୍ଥ ରଖି କୌଣସି ଲଢ଼େଇ କିମ୍ବା ଆନ୍ଦୋଳନ କରାଯାଉ। ଏ ସଂପାଦକ କୌଣସି ଦଳର ନୁହେଁ କିନ୍ତୁ ଛାତିର ହାତ ରଖି କହିପାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ନେତାଙ୍କୁ ନେଇ ଗର୍ବ କରିବାର ଆବଶ୍ୟକତା ରହିଛି। ବିଜୁଙ୍କ ପରେ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସର୍ବାଧିକ କାଳ ରହିଥିବା ଯିଏ ଦେଖାଯାଏ, ସେ ହେଉଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାର ଜନଗଣ ଥରେ ଭାବନ୍ତୁ ତ ! ଧର୍ମେନ୍ଦ୍ର ପ୍ରଧାନ କଣ ଗୌରବମୟ ଓଡ଼ିଆ ନୁହଁନ୍ତି। ଓଡ଼ିଶା ପାଇଁ ଗର୍ବ ନୁହଁନ୍ତି।

# ଆଡପ ମଣ୍ଡପରେ ହେରା ପଞ୍ଚମୀ ମହୋତ୍ସବ




## ଡ. ଅମୂଲ୍ୟ କୁମାର ପଣ୍ଡା

ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କର ଜୀବନ ଶୈଳୀ କୌଣସି ସାଧାରଣ ମଣିଷ ଜୀବନ ଠାରୁ ପାର୍ଥକ୍ୟ ନୁହେଁ। ପ୍ରଭୁଙ୍କର ଦୈନନ୍ଦିନ ର କାର୍ଯ୍ୟ କଳାପ, ଯାନୀ ଯାତ୍ରା, ପର୍ବ ପର୍ବାଣି ଏବଂ ପ୍ରତ୍ୟେକ ଟି ମୁହୂର୍ତ୍ତ ଏକ ସାଧାରଣ ମଣିଷ ର ଜୀବନ ପରି ଘଟଣା ପୂର୍ଣ୍ଣ। ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ହେଲେ ମଧ ତାଙ୍କର ଲୀଳାଖେଳା ଆମ ମଣିଷଙ୍କ ପରି । ତାଙ୍କର ଏହି 'ମାନବୀୟ ଲୀଳା'ର ଗୋଟିଏ ନିଦର୍ଶନ ହେଉଛି 'ହେରା ପଞ୍ଚମୀ' । ଏହା ଶ୍ରୀଜଗନ୍ନାଥ ଓ ଦେବୀ ଲକ୍ଷ୍ମୀଙ୍କର ଏକ 'ଦାମ୍ପତ୍ୟ-ଲୀଳା'। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୁଣ୍ଡିଚା ମହୋତ୍ସବର ଉପଯାତ୍ରା ହେଉଛି ' ହେରା ପଞ୍ଚମୀ '। "ହେରା" ଶବ୍ଦ ର ଅର୍ଥ 'ଦର୍ଶନ' ଏବଂ "ପଞ୍ଚମୀ" ଶବ୍ଦର ଅର୍ଥ 'ପଞ୍ଚମ ଦିନ'। ଅନ୍ୟ ଏକ ଅର୍ଥରେ କହିବାକୁ ଗଲେ 'ହେରା' ତଥା 'ହେରିବା' ଅର୍ଥ 'ଚାହିଁବା' ଅର୍ଥାତ ଆଷାଢ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିବା ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରୁ ମାଆ ଲକ୍ଷ୍ମୀ ଚାହିଁବା ତଥା ଦେଖିବାକୁ ଯାଆନ୍ତି। ରୁକ୍ମିଣୀ ହରଣ ଏକାଦଶୀରେ ବିବାହ ପରେ ମହାପ୍ରଭୁ ଚତୁର୍ଦ୍ଦଶୀ ତିଥି ଦିନ ସ୍ନାନବେଦୀରେ ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପଡ଼ି ଅଣସର ଘରେ ରୁହନ୍ତି। ଜ୍ୱର ଭଲ ହେଲା ପରେ ଅଣସର ଘରୁ ବାହାରି ମହାପ୍ରଭୁ ଭାଇ-ଭଉଣୀଙ୍କୁ ଧରି ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ରଥରେ ବସି ବୁଲିବାକୁ ଚାଲି ଯାଆନ୍ତି। ମାଆ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ମହାନ ଗୁଣ୍ଡିଚା ଉତ୍ସବରେ ବାଦ୍ ପଡ଼ିଯାଆନ୍ତି। ମହାପ୍ରଭୁ ସ୍ୱୟଂ ବଡଭାଇ ବଳଭଦ୍ର ଭଗିନୀ ସୁଭଦ୍ରାଙ୍କୁ ନେଇ ଜନ୍ମବେଦୀକୁ ଯାତ୍ରା କରୁଥିବା ସମୟରେ ଲକ୍ଷ୍ମୀ ରହିଯାଆନ୍ତି ଶ୍ରୀମନ୍ଦିର ଭିତରେ । ତେଣୁ ଗୋଟେ ପଟେ ଶ୍ରୀଜଗନ୍ନାଥଙ୍କର ଉଦାସୀନତା ଓ ଅପରପକ୍ଷରେ ମାଆ ଲକ୍ଷ୍ମୀଙ୍କର ଅଭିମାନ । ମାଆ ଲକ୍ଷ୍ମୀ ଠାକୁରାଣୀଙ୍କ ଅଙ୍ଗବାସରୁ ବିବାହ ଗଇଣ୍ଠାଳ ଫିଟି ନଥିବା ସମୟ ତଥା ନବବିବାହିତା ମାଆ ଲକ୍ଷ୍ମୀ ଠାକୁରାଣୀ ପାଞ୍ଚ ଦିନର ବିରହ ବେଦନା ସହ୍ୟ କରି ନ ପାରି ଖୁବ୍ ଦୁଃଖୀ ହୁଅନ୍ତି। 'ଯାତ୍ରା ଭାଗବତ' ଓ 'ବାମଦେବ ସଂହିତା' ଆଦିରେ ଏ ସଂପର୍କରେ ରୋଚକ ବର୍ଣ୍ଣନା ଅଛି । 'ବାମଦେବ ସଂହିତା'ରେ କୁହାଯାଇଛି ଯେ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ଶ୍ରୀଜଗନ୍ନାଥ ଗୁଣ୍ଡିଚାଘରକୁ ଚାଲିଯିବା ପରେ, ବିରହ ବିଧୁରା ଲକ୍ଷ୍ମୀ ନିଜ ମନର ବ୍ୟଥାକୁ ଶ୍ରୀମନ୍ଦିର ପରିସରରେ ଥିବା ଭଗିନୀପ୍ରତିମା ବିମଳା ଦେବୀଙ୍କ ନିକଟରେ ଯାଇ କହନ୍ତି । ଏହାର ପ୍ରତିକାର ପାଇଁ ତାଙ୍କର ପରାମର୍ଶ ଲୋଡ଼ନ୍ତି । ଦେବୀ ବିମଳା ତାଙ୍କୁ ସାନ୍ତ୍ୱନା ଦେଇ କହନ୍ତି ଯେ ସ୍ୱାମୀ ଯଦି କେବେ ଅବିବେକୀ ପରି ଆଚରଣ କରନ୍ତି ବା ସ୍ତ୍ରୀ କୁ ଅଣଦେଖା କରନ୍ତି ତେବେ ତାଙ୍କୁ କୌଶଳ କରି ନିଜ ଆଡ଼କୁ ଆଣିବାକୁ ପଡ଼େ । ତେଣୁ ତୁମେ ତାଙ୍କୁ ନିଜ ଆଡକୁ ଆକର୍ଷିତ କରିବାପାଇଁ ତାଙ୍କ ଉପରେ 'ମୋହନଚୂର୍ଣ୍ଣ' ପ୍ରୟୋଗ କର । ଏହା କହି ଦେବୀ ବିମଳା, ଲକ୍ଷ୍ମୀଙ୍କୁ 'ମୋହନଚୂର୍ଣ୍ଣ' ବି ଦିଅନ୍ତି। ମାଆ ବିମଳାଙ୍କ ପରାମର୍ଶ କ୍ରମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆଷାଢ଼ ଶୁକ୍ଳପଞ୍ଚମୀ ଦିନ ନିଶାର୍ଦ୍ଧରେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୋପନ ଯାତ୍ରା କରନ୍ତି। ମାଆ ଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ରାଗ ଓ ଅଭିମାନର ପ୍ରତୀକ ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି ଓ ଏହା ସହିତ ମାଆ ଲକ୍ଷ୍ମୀ ମଧ୍ୟ ଶ୍ରୀଜୀଉଙ୍କର ଦର୍ଶନ କରିଥାନ୍ତି ଓ ମାଆ ବିମଳା ଦେଇଥିବା ମୋହନଚୂର୍ଣ୍ଣ କୁ ମହାପ୍ରଭୁ ଉପରକୁ ନିକ୍ଷେପ କରନ୍ତି। ଏଥିରୁ ମନେ ହୁଏ ସ୍ୱୟଂ ମହାପ୍ରଭୁ ମା ଲକ୍ଷ୍ମୀଙ୍କର ଏହି ରାଗ, ଅଭିମାନ ଓ ମାନଭଞ୍ଜନ ପାଇଁ ସ୍ନେହ ଏବଂ ପାର୍ଥନା ପୂର୍ବକ ମାଆଙ୍କୁ ବୁଝାଇ ଥାଆନ୍ତି । କିମ୍ବଦନ୍ତୀ ଅନୁସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପବିତ୍ର ତଥା ପ୍ରସିଦ୍ଧ ରଥଯାତ୍ରା ଦିନ ମାଆ ଲକ୍ଷ୍ମୀଙ୍କୁ ପ୍ରତିଶୃତି ଦେଇଥିଲେ ଯେ ମାତ୍ର ଏକ ଦିନ ପରେ ସେ ମାଉସୀ ମାଆଙ୍କ ଘରୁ ଶ୍ରୀମନ୍ଦିରକୁ ଫେରି ଆସିବେ। ମାତ୍ର ଯେତେବେଳେ ମହାପ୍ରଭୁ ପାଞ୍ଚ ଦିନ ପର୍ଯ୍ୟନ୍ତ ନ ଫେରନ୍ତି ମାଆ ଲକ୍ଷ୍ମୀଙ୍କର ସହନଶୀଳତା ଅସମ୍ଭାଳ ହେବାରୁ ଅତ୍ୟନ୍ତ କ୍ରୋଧର ସହ ମହାଲକ୍ଷ୍ମୀ ଅନ୍ଧାର ରାତିରେ ଏକ ପାଲିଙ୍କିରେ ବସି ମାଉସୀ ମାଆ ମନ୍ଦିରକୁ ଆସନ୍ତି । ମହାପ୍ରଭୁଙ୍କୁ ଗୋପନୀୟ ଭାବେ ଦର୍ଶନ କରିବା ପରେ ଏବଂ ଗୁଣ୍ଡିଚା ମନ୍ଦିର ବାହାରୁ ପୂଜା କରନ୍ତି । ଏହାପରେ ମାଆ ଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରାଗି କ୍ରୋଧରେ ନନ୍ଦିଘୋଷ ରଥକୁ କ୍ଷତ କରି ଥାଆନ୍ତି ତଥା ନନ୍ଦିଘୋଷ ରଥର ସାରଥୀଙ୍କର ହାତ ଭାଙ୍ଗି ଦେଇ ନିରାଡ଼ମ୍ବର ଶୋଭାଯାତ୍ରାରେ ପୁନର୍ବାର ଶ୍ରୀମନ୍ଦିରକୁ ଫେରି ଆସନ୍ତି । ଏହି ଐତିହାସିକ ପାରମ୍ପରିକ ବୃତାନ୍ତ ଉପରେ ଆଧାରିତ ଉତ୍ସବକୁ "ହେରା ପଞ୍ଚମୀ" ମହୋତ୍ସବ କୁହଯାଏ। ହେରା ପଞ୍ଚମୀ ନୀତି ଅନୁସାରେ ହେରାପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରଠାରୁ ଶ୍ରୀଦେବୀ ତଥା ଲକ୍ଷ୍ମୀଙ୍କୁ ମହାଜନ ସେବକ ବିମାନକୁ ବିଜେ କରାଇ ଆଣନ୍ତି । ବିମାନବଡୁ ସେବକ ତାଙ୍କୁ ଆଡ଼ମ୍ବରପୂର୍ଣ୍ଣ ଘଣ୍ଟ, ବାଜା ଓ କାହାଳୀ ଆଦି ସହିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଥିବା ରଥ ନିକଟକୁ ନେଇ ଯାଆନ୍ତି । ସେଠାରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଚିହ୍ନଟ କରିସାରି, ଦେବୀ ଲକ୍ଷ୍ମୀ ସେହି ରଥ ନିକଟରେ ବିମାନରେ ବସି ରହିଥିବା ବେଳେ, ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ତାଙ୍କର ବନ୍ଦାପନା ଓ ଅର୍ଚ୍ଚନା କରନ୍ତି। ତାହା ପରେ ଦେବୀଙ୍କ ବିମାନ ଶ୍ରୀଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ନିକଟକୁ ଯାଏ । ସେହିଠାରେ ବିମାନରେ ଥାଇ, ସେ ବିମଳାଦେବୀଙ୍କଠାରୁ ଆଣିଥିବା 'ମୋହନଚୂର୍ଣ୍ଣ' ଶ୍ରୀଜଗନ୍ନାଥଙ୍କ ଉପରକୁ ନିକ୍ଷେପ କରନ୍ତି । ତାହାର ଫଳ ମଧ ତାଙ୍କୁ ତୁରନ୍ତ ମିଳେ । ଶ୍ରୀଜଗନ୍ନାଥଙ୍କଠାରୁ ତାଙ୍କୁ ଆଜ୍ଞାମାଳ ଦିଆଯାଏ । ତାହା ମାଧ୍ୟମରେ ଶ୍ରୀଜଗନ୍ନାଥ ତାଙ୍କୁ ପ୍ରତିଶ୍ରୁତି ଦିଅନ୍ତି ଯେ ତିନିଦିନ ପରେ ସେ ଶ୍ରୀମନ୍ଦିରକୁ ଫେରିଆସିବେ । କିନ୍ତୁ ଏହି ସମୟରେ ଆଉ ଗୋଟିଏ ଘଟଣା ଘଟେ । ସେତେବେଳକୁ ସଂଧ୍ୟାଧୂପର ସମୟ ହୋଇଯାଇଥିବାରୁ 'ଟେରା' ଅର୍ଥାତ୍ କନାର ଏକ ଆବରଣ ପଡ଼ିଯାଏ ଏବଂ ଦେବୀ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ଶ୍ରୀମୁଖକୁ ଆଉ ଅଧିକ ସମୟ ଦର୍ଶନ କରିପାରନ୍ତି ନାହିଁ । ସେଥିରେ ସେ ରୁଷ୍ଟ ହୁଅନ୍ତି । ପୁନଶ୍ଚ 'ନନ୍ଦିଘୋଷ' ରଥ ପାଖକୁ ଆସି ସେଥିରୁ ଖଣ୍ଡିଏ କାଠ ଭାଙ୍ଗିଦେଇ ଚାଲିଯାଆନ୍ତି । ଏହାକୁ ଦେବୀ ଲକ୍ଷ୍ମୀଙ୍କ କ୍ରୋଧର ପରିପ୍ରକାଶ ବୋଲି ସାଧାରଣତଃ କୁହାଯାଇଥାଏ । କିନ୍ତୁ ଏହା ତାଙ୍କର କ୍ରୋଧ ନୁହେଁ । ଏହା ତାଙ୍କର ପତି-ପ୍ରୀତିର ନିଦର୍ଶନ । ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ସହିତ ଫେରିବାର ପ୍ରତିଶ୍ରୁତି ପାଇବା ପରେ, ଆଉ କ୍ରୋଧର ଅବକାଶ ନଥାଏ । କିନ୍ତୁ ଅଧିକ ସମୟ ସ୍ୱାମୀଙ୍କ ଶ୍ରୀମୁଖ ଦର୍ଶନ ନକରି ପାରିବା ନେଇ ତାଙ୍କ ମନରେ କ୍ଷୋଭ ଜାତ ହୁଏ । ତାହାର ପରିପ୍ରକାଶ ଘଟେ 'ନନ୍ଦିଘୋଷ'ର ରଥକାଠ ଭଙ୍ଗାରେ । 'ହେରାପଞ୍ଚମୀ' ଯାତ୍ରାରେ ଯିବାବେଳେ ଦେବୀ ଲକ୍ଷ୍ମୀ ଘଣ୍ଟ, ବାଜା ଓ କାହାଳୀ ସହିତ ରଥମାର୍ଗ ତଥା ବଡ଼ଦାଣ୍ଡ ଦେଇ ଯାଇଥାଆନ୍ତି କିନ୍ତୁ ରଥକାଠ ଭାଙ୍ଗି ଫେରିବା ବେଳେ ସେ ବିନା ଘଣ୍ଟ, ବାଜା, କାହାଳୀରେ, ହେରାଗୋହିରୀ ସାହି ବାଟ ଦେଇ ଫେରନ୍ତି । ମାଆ ଲକ୍ଷ୍ମୀ ରଥକାଠ ଭାଙ୍ଗିବା କାର୍ଯ୍ୟ ଠିକ୍ ? ହେଲାନାହିଁ ବୋଲି ହୃଦ୍ ?ବୋଧ କରି ନିଜକୁ ଅପରାଧୀଟିଏ ଭାବି ହେରା ଗୋହିରୀ ସାହି ବାଟଦେଇ, ଲୁଚିଲାପରି, ବିନା ଘଣ୍ଟ , ବାଜା ଓ କାହାଳୀରେ ଶ୍ରୀମନ୍ଦିରକୁ ଫେରନ୍ତି ।

ଅରଙ୍ଗାବାଦ, ବରୀ , ଯାଜପୁର
ମୋବାଇଲ :-
୯୯୩୮୯୦୬୦୭୦

# ସ୍କାମର କବଳରୁ ବର୍ତ୍ତିବେ କେମିତି ?



## ସୁକାନ୍ତ ଛାଟୋଇ

ଗୋଟିଏ ଅଜଣା ନମ୍ବରରୁ କଲ ଆସିବା ନିଜକୁ ଜଣେ ପୁଲିସି କିମ୍ବା ବରିଷ୍ଠ ଅଧିକାରୀ ପରିଚୟ ଦେଇ ଆପଣ କୌଣସି ଅପରାଧରେ ସଂପୃକ୍ତ ବୋଲି ସେ ଭୟ ଦେଖାଇବ। ପରେ ଲକ୍ଷାଧିକ ଟଙ୍କା ଦାବି କରିବ। ଆପଣ ଭୟରେ ଟଙ୍କା ଦେଇ ଦେବା ପରେ ଜଣାପଡ଼ିବ କି ଅନଲାଇନ ଲୁଟେରା ଆପଣଙ୍କୁ ଠକିଛି। କିନ୍ତୁ ଏହି ଲୁଟେରାମାନେ ନିଜ ବ୍ୟାଙ୍କ ଆକାଉଣ୍ଟକୁ କେବେ ବ୍ୟବହାର କରନ୍ତି ନାହିଁ। ଧରା ନ ପଡ଼ିବା ଲାଗି ଚଞ୍ଚଳତାପୂର୍ବକ ଅନ୍ୟ ଜଣଙ୍କର ଆକାଉଣ୍ଟ ବ୍ୟବହାର କରନ୍ତି। ଏପରି କାର୍ଯ୍ୟକଳାପକୁ 'ମନି ମ୍ୟୁଲିଙ୍ଗ' କୁହାଯାଉଥିବାବେଳେ ଠକେଇ ଲାଗି ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟକୁ ମ୍ୟୁଲ ଆକାଉଣ୍ଟ କୁହାଯାଏ। ବେଆଇନ ଭାବେ ସଂଗୃହୀତ ଅର୍ଥକୁ ଅପରାଧୀ ମ୍ୟୁଲ ଆକାଉଣ୍ଟରେ କାରବାର କରେ।

ସ୍କାମର ଠାରୁ ସତର୍କ ରୁହନ୍ତୁ : ଯଦି ଠକମାନେ ନିଜର ଆକାଉଣ୍ଟକୁ ବ୍ୟବହାର କରନ୍ତି ତେବେ କେଓ୍ୱାଇସି ନିୟମ ଆଧାରରେ ସେମାନେ ସହଜରେ ଧରା ପଡ଼ିଯିବାର ଭୟ ରହିଛି। ଏହାକୁ ଏଡ଼ାଇବା ଲାଗି ଅପରାଧୀ ବା ସ୍କାମରମାନେ ଜଣେ ତୃତୀୟ ବ୍ୟକ୍ତିର ଆକାଉଣ୍ଟକୁ ବ୍ୟବହାର କରନ୍ତି। ଉକ୍ତ ତୃତୀୟ ବ୍ୟକ୍ତି ହୁଏତ ନିଜେ ଜାଣି ନଥିବେ ଯେ ତାଙ୍କ ଆକାଉଣ୍ଟ ଅପରାଧ କାମରେ ଲାଗୁଛି। ଆଉ ଏହି କାମ ଲାଗି ସ୍କାମର ଏପରି ଲୋକଙ୍କୁ ବାଛିଥାନ୍ତି, ଯଉଁମାନଙ୍କର ବ୍ୟାଙ୍କ କାରବାର ବିଷୟରେ ଅଧିକ ଜ୍ଞାନ ନଥିବ। ପୁଣି ସ୍କାମରମାନେ ଆପଣଙ୍କ ଆକାଉଣ୍ଟ, କ୍ରେଡିଟ ଓ ଡେବିଟ କାର୍ଡ଼ ବ୍ଲକ ହୋଇଯାଇଛି, ଆପଣ ଆଉ କାରବାର କରିପାରିବେ ନାହିଁ, ବ୍ୟାଙ୍କ ଖାତା ନମ୍ବର, ଆଧାର ନମ୍ବର ଓ ପ୍ୟାନ ନମ୍ବର ଦିଅନ୍ତୁ ବୋଲି ଫୋନ କି ମେସେଜ କରନ୍ତି। ତାଙ୍କ କଥାରେ ଫସି ତଥ୍ୟ ଦେଲାପରେ ସ୍କାମର ଆପଣଙ୍କ ନାମରେ ଆକାଉଣ୍ଟ ଖୋଲି ନିଜେ କାରବାର କରିଥାଏ। ସାଧାରଣତଃ ମନି ଲଣ୍ଡରିଂ କିମ୍ବା ଫିସିଂ ସ୍କାମରେ ହିଁ ମ୍ୟୁଲ ଆକାଉଣ୍ଟ ବ୍ୟବହାର ହୋଇଥାଏ। ଅପରାଧୀମାନେ ଉକ୍ତ ଆକାଉଣ୍ଟକୁ ସାଧାରଣ କାରବାର ମାଧ୍ୟମରେ ସକ୍ରିୟ ରଖିଥାନ୍ତି ଯାହା ବ୍ୟାଙ୍କ ମାଧ୍ୟମରେ ଠଉରେଇ ପାରେନାହିଁ।

କେମିତି ବର୍ତ୍ତିବେ ? : ଏପରି ଠକେଇରୁ ବର୍ତ୍ତିବା ପାଇଁ ଆପଣଙ୍କ ବ୍ୟାଙ୍କ ଖାତାକୁ କୌଣସି ଅଜ୍ଞାତ ବ୍ୟକ୍ତି ଯେମିତି କରାୟତ୍ତ କରି ନାହାନ୍ତି ତାହା ନିୟମିତ ବ୍ୟବଧାନରେ ପରଖିବା ଉଚିତ। ଯେ କୌଣସି ଅଜଣା ଲୋକ ବ୍ୟାଙ୍କ କାରବାର କିମ୍ବା ବ୍ୟକ୍ତିଗତ ତଥ୍ୟ ଦେବାକୁ କହିଲେ ଅଥବା ତାଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନସଫର କରିବାକୁ କହିଲେ ଆପଣ ମନା କରନ୍ତୁ ଏବଂ ସତର୍କ ହୋଇଯାନ୍ତୁ। କାହାକୁ ନିଜର ଆଧାର ଓ ପ୍ୟାନ ନମ୍ବର ଦିଅନ୍ତୁ ନାହିଁ। ଯଦି ଭୁଲରେ ତାହା କରିଦେଇଛନ୍ତି ତେବେ ବ୍ୟାଙ୍କ ସହ ଯୋଗାଯୋଗ କରି ଆପଣଙ୍କ ଆକାଉଣ୍ଟକୁ ଫ୍ରିଜ କରିବା ସହିତ ଡେବିଟ ଓ କ୍ରେଡିଟ କାର୍ଡ଼କୁ ବ୍ଲକ କରାନ୍ତୁ। ପୁଲିସ ଓ ସାଇବର ଥାନାରେ ଅଭିଯୋଗ କରନ୍ତୁ।ମ୍ୟୁଲ ଆକାଉଣ୍ଟ ପାଇଁ ସଫଟଓ୍ୱେର : ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ସହଯୋଗୀ ସଂସ୍ଥା ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଇନୋଭେସନ ହବ ଏହି କୃତ୍ରିମ ବୁଦ୍ଧିମତ୍ତା ଓ ମେସିନ ଲର୍ଣ୍ଣିଂ ମଡ଼େଲ ବିକଶିତ କରିଛି, ଯାହା ବ୍ୟାଙ୍କ ଓ ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନକୁ ମ୍ୟୁଲ ଆକାଉଣ୍ଟକୁ ଚିହ୍ନଟ ପାଇଁ ସାହାଯ୍ୟ କରିଥାଏ। ଏହାବାଦ ଜେନେରେଟିଭ ଏଆଇ, କ୍ୱାଣ୍ଟମ ସେନସର କମ୍ପ୍ୟୁଟିଂ ମଧ ମ୍ୟୁଲ ଆକାଉଣ୍ଟକୁ ଧରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

ପୋପରଡ଼ା, ନୂଆ ବଜାର,
କଟକ, ଦୂରଭାଷ :
୮୨୪୯୨୬୦୬୨୧

### ସାପ୍ତାହିକ ହାଟ ଜୀବିକା ନୁହେଁ ଜୀବନ

# ବିଲୁପ୍ତ ସାପ୍ତାହିକ ହାଟର ପୁନଃ ଉଦ୍ଧାର ହେଉ



**କଳାହାଣ୍ଡି :** ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଅଧିବାସୀ ଙ୍କ ସାମାଜିକ ଚଳଣି ଓ ପରମ୍ପରା ସାଙ୍ଗକୁ ପର୍ବପର୍ବାଣୀ ଓ ନିଭାପୁଆଣୀରେ ଭରିରହିଥାଏ ଅପୂର୍ବ ମାଦକତା । ଯାହା ଗବେଷକ ମାନଙ୍କୁ ଗବେଷଣାର ଖୋରାକ ଯୋଗାଇଥାଏ। କେଉଁ ପ୍ରାଚୀନ କାଳରୁ ଦଣ୍ଡାୟମାନ ଆଦିବାସୀ ସାପ୍ତାହିକ ହାଟ ସହିତ ବନବାସୀଙ୍କ ଜୀବନ ଓ ଜୀବିକା ଜଡିତ ହୋଇ ରହିଥିବା ବେଳେ ସାମାଜିକ ଜୀବନରେ ହାଟ ଏକ ଆଇନା ସଦୃଶ ଯାହାର ବୟସ କେତେ କହିବା ମୁସ୍କିଲ । ଅତୀତରେ ଏହି ସାପ୍ତାହିକ ହାଟରୁ ବନବାସୀଙ୍କ ପୂର୍ବପୁରୁଷ କନ୍ୟା ପସନ୍ଦ କରି ବିବାହ କରିଥିବାର ବହୁ ନଜିର ରହିଛି। ସାପ୍ତାହିକ ହାଟରେ ସକାଳୁ ବେପାରୀ ଓ ଗ୍ରାହକଙ୍କ ଭିଡ ଲାଗିବାସହ ଆରମ୍ଭ ହୁଏ କିଣାବିକା ଓ ସେହିଭଳି ହାଟ ଭିଡ ଭିତରେ ମନ ଖୋଜୁଥିବା ମଣିଷ ମଇତ୍ର, ସମୁଦୀ ଅଥବା ଆତ୍ମୀୟ ସ୍ୱଜନ ଦେଖା ମିଳିଗଲେ ପାରମ୍ପରିକ ସ୍ୱାଗତ ଜୁହାର ହେବା ସହ ତେଲଲୁଣ ସଂସାରର କ୍ଷଣିକ ଦୁଃଖ ଭୁଲିଯାଇ ଖୁସି ସମୟ ମନେ ପକାଇ ବିଭୋର ହୋଇଥାନ୍ତି ବନବାସୀ । ଏଥିସହିତ ଏହି ସାକ୍ଷାତରେ ପର୍ବପର୍ବାଣୀ ଓ ବିଭାପୁଆଣୀ ନିମନ୍ତେ ନିମନ୍ତ୍ରଣ କରାଯାଏ ଓ ଆଜି ବି ସାପ୍ତାହିକ ହାଟ ଏକ ବହୁମୁଖୀ ମଞ୍ଚ ଭାବେ ପରିଚିତ । ଯେଉଁଠି ସଚେତନତା ବାର୍ତ୍ତା ସହ ସରକାରୀ ଯୋଜନାର ପ୍ରଚାର ଓ ନିର୍ବାଚନ ପ୍ରଚାର କରାଯାଇଥାଏ। ଅନ୍ୟପକ୍ଷରେ ଆଦିବାସୀ ହାଟରେ ବିନା ବଣ୍ଡିପଲାରେ ପନିପରିବା କୁଢାରେ ବିକ୍ରି ଓ ଅନ୍ୟ ଶସ୍ୟ ଦ୍ରବ୍ୟ ଡବା ମାପରେ ବିକ୍ରିର ପରମ୍ପରା ଆଜିବି ବଞ୍ଚିଛି। ଦୁଇ ଭାଗ କିଣିଲେ ଗ୍ରାହକଙ୍କ ମନଜାଣି ଗୋଟିଏ ଭାଗ ପୁରାଣୀ ଅର୍ଥାତ ମାଗଣା ଦେବା ପରମ୍ପରା ରହିଛି । ହାଟରେ ମହିଳା ବେପାରୀଙ୍କ ସଂଖ୍ୟା ଅଧିକ ରହିଥିବା ବେଳେ ଏଠାରେ ଛୁଞ୍ଚି ଠାରୁ ଆରମ୍ଭ କରି ବିଭିନ୍ନ ଘରକରଣା ଉପକରଣ ମିଳିଥାଏ । ଆଉ ଚୁଡ଼ି ଠାରୁ ଶାଢ଼ୀ ମହିଳା ପ୍ରଶାଧନ ସାମଗ୍ରୀର ସମ୍ଭାର ଦେଖ ?ିବାକୁ ମିଳିଥାଏ। ମୂଷାମରା ଠାରୁ ଉକୁଣୀ ମରା ଔଷଧ ହାଟରେ ମିଳିଥାଏ ଓ ଗୋରୁ ହାଟରେ ଗାଈଗୋରୁ ଠାରୁ ଆରମ୍ଭ କରି ଛେଳି, ମେଣ୍ଢା, କୁକୁଡ଼ା ଓ ବତକ ପର୍ଯ୍ୟନ୍ତ ବିକ୍ରିହୁଏ ଓ କୁମ୍ଭାର ଠାରୁ କମ୍ଭାର ସାମଗ୍ରୀ ସହ ଆମିଷ ହାଟରେ ମାଛ, ଚିକେନ, ମଟନ ଓ ଦେଶୀ ଅଣ୍ଡା କାରବାର ହୋଇଥାଏ ।

# ଷ୍ଟ୍ରିଟ୍ ଲାଇଟ୍ ଦାବିରେ ଏନ୍ଏସି ସମ୍ମୁଖରେ ଧାରଣା




**ପୁରୁଷୋତ୍ତମପୁର :** ମୌଳିକ ସୁବିଧା ପାଇବାରୁ ବଂଚିତ ହେବାରୁ ଏନ ଏ ସି ଆଗରେ ଧାରଣା ଦେଇ ବସିଥିଲେ ପୁରୁଷୋତ୍ତମପୁର ୱାର୍ଡ ନଂ ୯ ର ବାସିନ୍ଦା ସନ୍ତୋଷ ପଣ୍ଡା। ଗତ ଏକ ମାସ ଧରି ନିଜ ଅଂଚଳରେ ବିଜୁଳି ବତୀ ଲଗାଇବା ପାଇଁ କହି ଆସୁଥିବା ପଣ୍ଡା ଗତ ୧୪ ତାରିଖ ଦିନ ଏଥିପାଇଁ ବାଧ ହୋଇ ଲିଖିତ ଆକାରରେ ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀଙ୍କୁ ସେହି ଅଂଚଳର ବାସିନ୍ଦାଙ୍କ ସ୍ୱାକ୍ଷର ଥାଇ ଏକ ପତ୍ର ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିନଥିବାରୁ ସେ ଏନ ଏ ସି ଆଗରେ ଧାରଣାରେ ବସିଥିଲେ। ତାଙ୍କ ଧାରଣା ଦର୍ଶାଉଛି ଯେ ପ୍ରକୃତରେ ଏନଏସି ଲୋକଙ୍କ ସ୍ୱାର୍ଥ ପାଇଁ କାମ କରୁଛି ନା ଆଉ କାହା ସ୍ୱାର୍ଥ ପାଇଁ ! ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ସରକାର ଜନସାଧାରଣଙ୍କ ସୁବିଧା ପାଇଁ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ନିମନ୍ତେ ଅନୁଦାନ ପ୍ରଦାନ କରୁଥିବା ସତ୍ତ୍ୱେ ପୁରୁଷୋତ୍ତମପୁର ଏନଏସିରେ ଏହାର କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ସଂସ୍ଥାର କର୍ମଚାରୀମାନେ ମନମୁଖୀ ଭାବେ କାମ କରୁଛନ୍ତି । ଜନବସତି, ବ୍ୟସ୍ତବହୁଳ ରାସ୍ତା ଓ ସାଧାରଣ ଲୋକଙ୍କ ଯାତାୟାତ ଅଞ୍ଚଳକୁ ପ୍ରାଥମିକତା ନ ଦେଇ ଅନାବଶ୍ୟକ ସ୍ଥାନ ଏବଂ ପ୍ଲଟିଂ ହେଉଥିବା ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଉଛି। ଏପରି ଅନିୟମ ସମ୍ପର୍କରେ ପଚାରିବାରୁ ଦାୟିତ୍ୱରେ ଥିବା କର୍ମଚାରୀ ଅସଦ୍‌ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ କରାଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ଏନଏସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ନିରୁପାୟ ହୋଇ ଅନଶନର ଆଶ୍ରୟ ନେବାକୁ ପଡ଼ିଥିବା ଆନ୍ଦୋଳନକାରୀମାନେ କହିଥିଲେ। ଅନଶନକାରୀମାନେ ତୁରନ୍ତ ଆବଶ୍ୟକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ସହ ଏହାର ଦାୟିତ୍ୱରେ ଥିବା କର୍ମଚାରୀ ସୁଭ୍ରକାନ୍ତ ବାରିକଙ୍କୁ ହଟାଇବାକୁ ଦାବି କରିଥିଲେ। ଏହି ଆନ୍ଦୋଳନକୁ ପୁରୁଷୋତ୍ତମପୁର ଓକିଲ ସଂଘ, ବ୍ୟବସାୟୀ ସଂଘ, ବୁଦ୍ଧିଜୀବୀ ଏବଂ ବହୁ ସାଧାରଣ ଲୋକ ସମର୍ଥନ ଜଣାଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଏନଏସି ପକ୍ଷରୁ ପୋଲ ଅଭାବ କଥା କୁହାଯାଉଥିବା ବେଳେ କିଛି ପୋଲ ବ୍ୟକ୍ତିବିଶେଷଙ୍କ କବଜାରେ ରହିଛି। ସେହି ପୋଲଗୁଡ଼ିକ କାହାର ଏବଂ କିପରି ସେଠାରେ ରହିଛି, ତାହାର ତଦନ୍ତ କରିବାକୁ ସେମାନେ ଦାବି କରିଥିଲେ। ଖବର ପାଇ ପୁରୁଷୋତ୍ତମପୁର ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ ଅନଶନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେ ତିନି ଦିନ ମଧ୍ୟରେ ଆବଶ୍ୟକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ସହ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ହଟାଇବା ପାଇଁ ସମ୍ପୃକ୍ତ ସଂସ୍ଥାକୁ ଅବଗତ କରାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀମାନେ ଅନଶନ ପ୍ରତ୍ୟାହାର କରିଥିଲେ। ତେବେ ଆନ୍ଦୋଳନକାରୀମାନେ କହିଛନ୍ତି ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଶୃତି ଅନୁଯାୟୀ କାର୍ଯ୍ୟକାରୀ ପଦକ୍ଷେପ ନ ନିଆଗଲେ ସେମାନେ ପୁଣିଥରେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ଆରମ୍ଭ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନିଟ୍ ପରୀକ୍ଷାରେ ସ୍ୱସ୍ତିକଙ୍କ ସଫଳତା

## ବିଭିନ୍ନ ମହଲରୁ ପ୍ରଶଂସା



**ବ୍ରହ୍ମପୁର :** ଚଳିତ ବର୍ଷର ନିଟ୍ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ୬୧୨ ଅଙ୍କ ରଖି ସର୍ବଭାରତୀୟ ସ୍ତରରେ ୬୭୨୬ ରାଙ୍କ ହାସଲ କରି ନିମଖଣ୍ଡି ଗ୍ରାମ ପଂଚାୟତର ଛାତ୍ର ସ୍ୱସ୍ତିକ କୁମାର ଦାସ ଗୌରବ ଅର୍ଜନ କରିଛନ୍ତି । ସେ ଜଣେ ମେଧାବୀ ଛାତ୍ର ଭାବେ ନିଜ ଅଂଚଳରେ ଖ୍ୟାତି ଅର୍ଜନ କରିଛନ୍ତି। ପିଲାଟି ବେଳୁ ତୃତୀୟ ଓ ପଂଚମରେ ସରକାରୀ ବୃତ୍ତି , ଷଷ୍ଠରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି, ଅଷ୍ଟମରେ ଏନ୍ଆରଟିଏସ୍ ଏବଂ ଦଶମ ଶ୍ରେଣୀରେ ୯୭.୩୩ ପ୍ରତିଶତ ନମ୍ବର ରଖି ରାଜ୍ୟ ସ୍ତରରେ ପଂଚମ ସ୍ଥାନ ଏବଂ ଯୁକ୍ତ ଦୁଇ ବିଜ୍ଞାନରେ ୯୪ ପ୍ରତିଶତ ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଡାକ୍ତରୀ ପାଠ ପଢ଼ିବା ପାଇଁ ସେ ଦୈନିକ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କ ପିତା ଶିକ୍ଷକ ସଂଜୀବ କୁମାର ଦାସ ଓ ମାତା ଗୃହିଣୀ ଦିପ୍ତିମୟୀ ଦାସ ତାଙ୍କୁ ପ୍ରତି କ୍ଷେତ୍ରରେ ଉତ୍ସାହିତ କରୁଥିଲେ । ଏପରି ସଫଳତା ପାଇଁ ସେ ଜେଜେ ବାବା, ଜେଜେମା, ଅଜା, ଆଈ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ଆଶିର୍ବାଦ ରହିଥିବା କହିଛନ୍ତି । ଭବଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ଲୋକଙ୍କ ସେବା କରିବାର ତାଙ୍କର ଲକ୍ଷ୍ୟ ରହିଛି ।

# ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସମସ୍ତଙ୍କ ଗୁରୁ ଦାୟିତ୍ୱ: ସମାଜସେବୀ ସୁଶାନ୍ତ ସାବତ



**ବ୍ରହ୍ମପୁର :** ଭିନ୍ନକ୍ଷମ ମାନଙ୍କୁ ଅସହାୟ ଭାବିବା ଅନୁଚିତ, ଆଜିର ସମାଜରେ ଭିନ୍ନକ୍ଷମ ମାନେ କ୍ରୀଡ଼ା, ସାଂସ୍କୃତିକ, ବ୍ୟବସାୟ, ପ୍ରସାଶନିକ ସେବା ସବୁ କ୍ଷେତ୍ର ରେ ନିଜର ପାରିଦର୍ଶିତା ପ୍ରତିପାଦନ କରିପାରିଛନ୍ତି। ଏଣୁ ସେମାନଙ୍କୁ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ କରିବା ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ବୋଲି ଆଜି ଛତ୍ରପୁର ସ୍ଥିତ ସମୀୟାପଲ୍ଲି ଠା ରେ ଅବସ୍ଥିତ ସମର୍ଥ ସ୍ୱତନ୍ତ୍ର ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳନ ଓ ଏହାର ପ୍ରତିଷ୍ଠାତା ସମାଜସେବୀ ସ୍ୱର୍ଗତ କେ ଆନନ୍ଦ ରାଓ ଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ଅସରରେ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ ତଥା ମହାନ୍ ସଂଘ ସଭାପତି ଶ୍ରୀ ସୁଶାନ୍ତ କୁମାର ସାବତ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଅନୁଷ୍ଠାନ ଓ ଏହାର ପ୍ରତିଷ୍ଠାତା ସ୍ୱର୍ଗତ କେ ଆନନ୍ଦ ରାଓ ଙ୍କ ଭିନ୍ନକ୍ଷମ ଙ୍କ ନିମନ୍ତେ ସହୋଜୋଗ ର ପ୍ରଶଂସା କରିବା ସହ ସମସ୍ତ ପ୍ରକାର ସହୋଜଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ପୂର୍ବତନ ବିଧାୟକ ଶ୍ରୀ ଅଶୋକ ଚଉଧୁରି, ଲିପିକା ଅନୁଷ୍ଠାନର ନିର୍ଦ୍ଦେଶିକା ଶ୍ରୀମତୀ ରଞ୍ଜିତା ଦାସ, ସରପଞ୍ଚ ମଥୁରା। ସୁବୁଦ୍ଧି , ଡ ସରୋଜିନୀ ସେଠି, ଶ୍ରୀ ଚିରଞ୍ଜୀବି ପାତ୍ର,କେ ଭୀମସେନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ସେବା ସହ ଭିନ୍ନକ୍ଷମ ଙ୍କ କଲ୍ୟାଣ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଶ୍ରୀ ନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଲଗାଣବର୍ଷା ଯୋଗୁଁ ଭାଙ୍ଗିଲା ବୃଦ୍ଧାଙ୍କ ଘର ସହାୟତା ଯୋଗାଇଲେ ନୂତନ ରାଜସ୍ୱ ନିରୀକ୍ଷକ



**ବଲାଙ୍ଗୀର :** ସୋମବାର ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ୍ ତହସିଲ୍ ଧଣ୍ଡାମୁଣ୍ଡା ରାଜସ୍ୱ କାର୍ଯ୍ୟାଳୟ ରେ ନୂତନ ରାଜସ୍ୱ ନିରୀକ୍ଷକ ଯୋଗଦାନ ପରେ ଅଞ୍ଚଳବାସି ସରକାରୀ ସହାୟତା ସଠିକ ଭାବରେ ପାଇପାରୁଥିବା ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି । ଦୀର୍ଘ ତିନିଦିନର ଲଗାଣ ବର୍ଷା ଯୋଗୁଁ ପଡ଼ିଆବାହାଲ ପଞ୍ଚାୟତ ସାନଉଡେନ ଗାଁର ଅସହାୟ ବୃଦ୍ଧା ରମେଶ ବରିହା ଓ ଗୁରୁବାରୀ ବରିହାଙ୍କ ଘରଭୁଶୁଡି ପଡ଼ିଥିବା ଓ ଅତ୍ୟଧିକ ପାଣି ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଥିବା ଖବର ପାଇଥିଲେ ଯୁବ ସାମ୍ବାଦିକ ସାଗର ସିଂ ବରିହା ଓ ତୁରନ୍ତ ନିକଟସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିଥିଲେ ତାପରେ ବୃଦ୍ଧ ବୃଦ୍ଧାଙ୍କୁ ରାଜସ୍ୱ କାର୍ଯ୍ୟାଳୟ କୁ ନେଇ ସରକାର ତରଫରୁ ଯେଉଁ ସୁବିଧା ସୁଯୋଗ ରହିଛି ତାହା ଯୋଗାଇ ଦେବାରେ ସହଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକ ମଧ୍ୟ ନିଜମାନବିକତା ରକ୍ଷା କରି ତତ୍ପରତା ଦେଖାଇ ତୁରନ୍ତ ଅସହାୟ ବୃଦ୍ଧାଙ୍କୁ ସରକାରୀ ସହାୟତା ପ୍ରଦାନ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ ତତ୍ପରତା ପାଇଁ ଅଞ୍ଚଳବାସି ସାଧୁବାଦ ଜଣାଇବା ସହିତ ତାଙ୍କ ଭୂମିକା ଉପରେ ବେଶ୍ ଉତ୍ସାହିତ ଥିବା ଅଞ୍ଚଳବାସି ମତ ପ୍ରକାଶ କରିଛନ୍ତି ।

# ମହୁରୀ କାଳୁଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ



**ବାଲିପଡ଼ା :** ସ୍ଥାନୀୟ ମହୁରୀ କାଳୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅଧ୍ୟକ୍ଷ ଡ଼ଃ ପ୍ରସନ୍ନ କୁମାର ବିଷୋୟୀଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇତ୍ୟବସରରେ ଲାଞ୍ଜିଆ ସମିତି ସଭ୍ୟ ତଥା ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ କାହ୍ନୁ ଚରଣ ପାତ୍ର ଏବଂ ସ୍ଥାନୀୟ ଯୁବ ସମାଜସେବୀ ଶ୍ରୀ ସଞ୍ଜୟ କୁମାର ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପରିବର୍ତ୍ତିତ ପରିବେଶ, ଜଳବାୟୁ ଅସନ୍ତୁଳନ ଜନିତ ସମସ୍ୟାର ଏକମାତ୍ର ଉପାୟ ହେଉଛି ବହୁଳ ବୃକ୍ଷରୋପଣ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସମସ୍ତ ବ୍ୟକ୍ତିବିଶେଷ ତଥା ଯୁବ ସମାଜ ଏଥିପ୍ରତି ଆଗଭର ହୋଇ ଏକ ସୁନ୍ଦର ସବୁଜ ବଳୟ ସୃଷ୍ଟି କରିବାରେ ବ୍ରତୀ ହେବାପାଇଁ ଶପଥ ପାଠ କରାଇଛନ୍ତି । ଇକୋ କ୍ଲବ ସମ୍ପାଦକ ଡ଼ଃ ଶିବାନନ୍ଦ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା , ଛାତ୍ରଛାତ୍ରୀ ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଆଠମଲ୍ଲିକ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



**ଆଠମଲ୍ଲିକ :** ସ୍ୱନାମଧନ୍ୟ ୧୯୭୮ ମସିହା ରେ ପ୍ରତିଷ୍ଠିତ ଏବଂ ରାଜ୍ୟ ତଥା ଦେଶରେ ବହୁ ଉଚ୍ଚ ପଦସ୍ଥ ବ୍ୟକ୍ତି ବିଶେଷଙ୍କ ସଫଳତାର ମୂଳଦୁଆ ପକାଇଥିବା ଆଠମଲ୍ଲିକ ମହାବିଦ୍ୟାଳୟ ରେ ନୂତନ ଅଧ୍ୟକ୍ଷ ଭାବରେ ପ୍ରାଧ୍ୟାପକ ଡ଼ଃ ପୁରୁଷୋତ୍ତମ ମିଶ୍ର ଯୋଗଦାନ କରିଛନ୍ତି । ସେ ପୂର୍ବରୁ ଗଞ୍ଜାମ ବୁଗୁଡ଼ା ର ପିପୁଲ୍ସ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିଲେ । ଏକାଧାର ରେ ସେ ଜଣେ ବିଶିଷ୍ଟ କବି, ଚଳଚିତ୍ର ଅଭିନେତା ଓ ମଞ୍ଚ ନିର୍ଦ୍ଦେଶକ ଭାବରେ ସୁଖ୍ୟାତି ରହିଛି । ଏହି ଅବସରରେ ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା । ସ୍ୱାଗତ ସମ୍ବର୍ଦ୍ଧନା ରେ ସୌହାର୍ଦ୍ଦ୍ୟ ବାତାବରଣ କୁ ସୁଦୃଢ କରାଯିବ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟ ରେ ପୂର୍ବତନ ଅଧ୍ୟକ୍ଷ ଗୋପବନ୍ଧୁ ପ୍ରଧାନ, ଅଧ୍ୟାପକ ବ୍ରଜ ଗୋପାଳ ମିଶ୍ର, ଅଧ୍ୟାପକ ଅମ୍ବରିଶ ଷଡ଼ଙ୍ଗୀ ପ୍ରମୁଖ ନୂତନ ଅଧ୍ୟକ୍ଷ ଙ୍କୁ ସ୍ୱାଗତ କରି ଅଭିଭାଷଣ ରଖିଥିଲେ । ସମସ୍ତ ଅଧ୍ୟାପକ ଅଧ୍ୟାପିକା ଅଣ ଶିକ୍ଷକ କର୍ମଚାରୀ ଫୁଲତୋଡ଼ା ଦେଇ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ । ଶେଷରେ ଓଡ଼ିଆ ବିଭାଗ ର ଅଧ୍ୟାପକ ଡ଼ଃ ହୃଷିକେଶ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଇଡ଼ା ଡ଼ିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷ୍ୟା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କୋଇଡା :** କୋଇଡା ଡିଗ୍ରୀମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷ୍ୟା ବିଭାଗ ନିର୍ଦ୍ଦେଶ ଅନୁଯାଇ ମହାବିଦ୍ୟାଳୟ ର ଶକ୍ତିଶ୍ରୀ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ଶିତିକଣ୍ଠ ଦାଶମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି କୋଇଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରଯୁକ୍ତ ଧନଞ୍ଜୟ ସାହୁ ଯୋଗ ଦାନ କରି ଛାତ୍ରୀ ଆତ୍ମସୁରକ୍ଷ୍ୟା ସମ୍ପର୍କିତ ଆଇନି ଓ ଆବଶ୍ୟକତା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଟ୍ଟନାୟକ, ସଂଯୋଜିକା ଅଧ୍ୟାପିକା ଶ୍ରୀମତୀ ଲକ୍ଷ୍ମୀ ରାୟ ଓ ଅଧ୍ୟାପକ ଶ୍ରୀମାନ ସଞ୍ଜୟ କୁମାର ଦାଶ ସାମ୍ପ୍ରତିକ ପରିସ୍ଥିତି ରେ ଛାତ୍ରୀ ଆତ୍ମାସୁରକ୍ଷ୍ୟାର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକ ପାତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅଧକ୍ଷ ଶ୍ରୀଯୁକ୍ତ ସମ୍ବିତ କୁମାର ମହାନ୍ତି ଯୋଗ ଦେଇ ଛାତ୍ରୀ ସୁରକ୍ଷା, ମହାବିଦ୍ୟାଳୟ ର ଶକ୍ତିଶ୍ରୀ ବିଭାଗ ଓ ଅଭ୍ୟନ୍ତରଣ ଅଭିଯୋଗ ବିଭାଗ ବିଷୟରେ ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ପ୍ରଶିକ୍ଷିକା କୁମାରୀ ସୀମା ଟପନୋ, ୬ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଆତ୍ମସୁରକ୍ଷ୍ୟା ର ବିଭିନ୍ନ କୌଶଳ ର ପ୍ରଦର୍ଶନ କରିଥିଲେ ।


# ୨୦୨୭ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ନେଇ କାର୍ଯ୍ୟସୂଚୀ ଜାରି

- ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରଣାଳୀରେ ହେବ ତଥ୍ୟ ସଂଗ୍ରହ
- ଆଗାମୀ ତିନିଦିନ ମଧ୍ୟରେ ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ



**ଛତ୍ରପୁର :** ଭାରତ ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍-୨୦୨୭' ପ୍ରସ୍ତୁତି ନିମନ୍ତେ କାର୍ଯ୍ୟସୂଚୀ ପ୍ରକାଶ ପାଇସାରିଛି। ଏହି ହ୍ୟାଣ୍ଡବୁକ୍ ମାଧ୍ୟମରେ ଗ୍ରାମ ଓ ସହର ସ୍ତରର ସାମାଜିକ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ସୂଚନା ସଂଗ୍ରହ କରାଯାଇ ଜିଲ୍ଲାର ଭବିଷ୍ୟତ ଯୋଜନା, ପ୍ରଶାସନିକ ନିଷ୍ପତ୍ତି ଓ ଗବେଷଣା କାର୍ଯ୍ୟରେ ଉପଯୋଗ କରାଯିବ। ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ସଫଳ ପ୍ରସ୍ତୁତି ନେଇ ଆଜି ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଦେଶାବଳୀ ଅନୁଯାୟୀ, ୩୧ ଡିସେମ୍ବର ୨୦୨୫ କୁ ମୂଳ ରେଫେରେନ୍ସ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ୧୬ ଜୁଲାଇରୁ ୧୫ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ କ୍ଷେତ୍ର ସ୍ତରରେ ତଥ୍ୟ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ୧୫ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସଂଗୃହିତ ତଥ୍ୟର ଯାଞ୍ଚ ଓ ବୈଧତା ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା ସୂଚନା ଦେବା ସହ ଜିଲ୍ଲାରେ କଣ କଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏଥର ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରଣାଳୀରେ ତଥ୍ୟ ସଂଗ୍ରହ କରାଯାଉଛି। ଏଥିପାଇଁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ଓ ୱେବ୍ ପୋର୍ଟାଲ୍ ବ୍ୟବହାର କରାଯିବା ସହ ୨୦୧୧ ଜନଗଣନା ତଥ୍ୟ ସହ ସ୍ୱୟଂଚାଳିତ ତୁଳନା ଓ ତ୍ରୁଟି ଚିହ୍ନଟର ସୁବିଧା ରହିଛି। ରାଜସ୍ୱ ବିଭାଗର ଅଧିକାରୀମାନେ ଚାର୍ଜ ଅଫିସରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଆଗାମୀ ତିନିଦିନ ମଧ୍ୟରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଚାର୍ଜ ଅଫିସରମାନେ କ୍ଷେତ୍ରସ୍ତରୀୟ ରାଜସ୍ୱ କର୍ମଚାରୀଙ୍କ ଜରିଆରେ ପ୍ରସ୍ତାବିତ ତଥ୍ୟ ସଂଗ୍ରହ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍‌ର ପ୍ରଥମ ଭାଗରେ ଗ୍ରାମ ନିର୍ଦ୍ଦେଶିକା ଓ ସହର ନିର୍ଦ୍ଦେଶିକା ରହିବ, ଯେଉଁଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ଯୋଗାଯୋଗ, ପରିବହନ, ବ୍ୟାଙ୍କିଂ, ବିଦ୍ୟୁତ୍, ଜମି ବ୍ୟବହାର, କୃଷି, ନାଗରିକ ସୁବିଧା, ଶିଳ୍ପ ଓ ବାଣିଜ୍ୟ ସମ୍ବନ୍ଧୀୟ ବିସ୍ତୃତ ସୂଚନା ସ୍ଥାନ ପାଇବ। ଏହାର ଦ୍ୱିତୀୟ ଭାଗରେ ପ୍ରାଥମିକ ଜନଗଣନା ସାରାଂଶ ପ୍ରକାଶ ପାଇବ।

# 'କାହାକୁ କହିବି ମୋ ଦୁଃଖ' କାହାଣୀ ନାଟକ ମଞ୍ଚସ୍ଥ



**ଶେରଗଡ :** ଶେରଗଡ ବ୍ଲକ ଅଲାରିଗଡ ଗ୍ରାମ ରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମହା ଆଡମ୍ବରରେ ଜାରି ରହିଛି। ରଥଯାତ୍ରା କୁ ସାରସ,ସୁନ୍ଦର କରିବା ଲାଗି ପ୍ରତି ସନ୍ଧ୍ୟାରେ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଅଲାରିଗଡ ସ୍ୱପ୍ନେଶ୍ୱର ନାଟ୍ୟ ସଂସଦ ଆନୁକୂଲ୍ୟରେ ପଞ୍ଚମ ଅବଦାନ ରେ ସାମାଜିକ ନାଟକ କାହାକୁ କହିବି ମୋ ଦୁଃଖ କାହାଣୀ ମଞ୍ଚସ୍ଥ ହୋଇଯାଇଛି। ଅଜୟ ସ ଙ୍କ ରଚିତ ଯୁବ ନିର୍ଦ୍ଦେଶକ ମନୋଜ କୁମାର ସ୍ୱାଇଁ ଙ୍କ ନିର୍ଦ୍ଦେଶନା ରେ ମୁଖ୍ୟ ପରିଚାଳକ ଶିବରମ ଭୂୟାଁ, ସଭାପତି ଅରୁଣ ଜେନା ଏବଂ ଅଲାରିଗଡ ଗ୍ରାମବାସୀ ଙ୍କ ମିଳିତ ଆୟୋଜନ ରେ ଅତିଥି ରୂପେ ଶେରଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଯୁବ ସମାଜସେବୀ ସନ୍ତୋଷ କୁମାର ପଟ୍ଟନାୟକ (ପିଣ୍ଟୁ),ବିଧାୟକଙ୍କ ଶେରଗଡ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ବିଧାୟକ ଙ୍କ ହିଞ୍ଜିଳିକାଟୁ ମୁନିସିପାଲିଟି ପ୍ରତିନିଧି ପ୍ୟାରୀମୋହନ ପାଢୀ, ଶେରଗଡ ବ୍ଲକ ଉପାଧ୍ୟକ୍ଷା ଙ୍କ ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପିତ୍ତଳ ସରପଞ୍ଚ ରାମ ରାଘବ ପାତ୍ର, ପିତ୍ତଳ ସମିତି ସଭ୍ୟ ଜନାର୍ଦ୍ଦନ ପାତ୍ର,ଠୁରୁବୁରାଇ ସରପଞ୍ଚ ଏ.ପ୍ରଭାତ ଆଚାରୀ,ଯୁବନେତା ତଥା ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ ଙ୍କ ସହିତ ବହୁ ଅତିଥି ଯୋଗ ଦେଇଥିଲେ। ଏହି ସାମାଜିକ ନାଟକ କୁ ସରସ,ସୁନ୍ଦର କରିବା ଲାଗି ମଞ୍ଚ ସଜ୍ଜା କରିଥିଲେ ସମୀର ଚିତ୍ରାଳୟ। ସଙ୍ଗୀତ ର ଦାୟିତ୍ୱ ବହନ କରିଥିଲେ ସାଗର ଓ ସାଥି। ନୃତ୍ୟ ବିଭାଗ ରେ ସିଲ୍କରାଣୀ ଏବଂ ତାଙ୍କ ଗ୍ରୁପ ଦାୟିତ୍ୱ ବହନ କରିଥିବା ବେଳେ ମୁଖ୍ୟ ଆକର୍ଷଣ ଥିଲେ ଜି. କ୍ରିଷ୍ଣା ଏବଂ ସୁଦେଷ୍ଣା। ଏହି ନାଟକ ମାଧ୍ୟମରେ ଗ୍ରାମ ଗହଳିରେ ଲୁଚି ରହିଥିବା କଳାକାର ଙ୍କ ନିଖୁଣ ଅଭିନୟ ଲୋକ ଲୋଚନକୁ ଆସିପାରିବ ଏବଂ ଗ୍ରାମ ମଧ୍ୟରେ ଏକତା ଏବଂ ଭାଇଚାରା ପ୍ରତିଷ୍ଠା ହେଉଛି ବୋଲି ଅତିଥି ମାନେ ପ୍ରକାଶ କରିଥିଲେ।

## ସୋନମ ୱାଂଚୁଙ୍କ ଆନ୍ଦୋଳନକୁ ସମର୍ଥନ

# କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ବହିଷ୍କାର ଦାବି କଲା ଓଡିଶା ମୂଳନୀବାସୀ




**କଳାହାଣ୍ଡି :** ଆଜି (ସୋମବାର)ଦିଲ୍ଲୀରେ ସୋନମ ବାଙ୍ଗଚୁ ଙ୍କ ଦାବୀ କୁ ସମର୍ଥନ ଜଣାଇ ବିଭିନ୍ନ ସଂଗଠନ ପାର୍ଲିଆମେଣ୍ଟ କୁ ମାର୍ଚ୍ଚ କରିଥିବା ବେଳେ କଳାହାଣ୍ଡି ରେ ମଧ ଉକ୍ତ ଆନ୍ଦୋଳନ ପ୍ରତି ସମର୍ଥନ ଦେଖିବାକୁ ମିଳିଛି । ଏ ପ୍ରସଙ୍ଗରେ ଓଡିଶା ମୂଳନିବାସୀ ବହୁଜନ ମିଳିତ ମହାସଂଘ ତରଫରୁ ଧର୍ମଗଡ଼ରେ ହୋଇଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ଆନ୍ଦୋଳନ କାରୀମାନେ ନିଟ ପେପର ଲିକ ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାୟୀ କରିଥିବା ବେଳେ ୨୨ ଜଣ ମେଡିକାଲ ଛାତ୍ର ମାନଙ୍କ ଆତ୍ମ ହତ୍ୟା ଘଟଣା ଦେଶ ପାଇଁ ଚିନ୍ତା ର ବିଷୟ ବୋଲି ମହାସଂଘ ଅଭିଯୋଗ କରିଥିଲା । ସେଦୃଷ୍ଟିରୁ ଧର୍ମେନ୍ଦ୍ର ପ୍ରଧାନ ନିଜେ ତାଙ୍କ ପଦବୀରୁ ଇସ୍ତଫା ଦେବା ଉଚିତ ନ ହେଲେ ପ୍ରଧାନ ମନ୍ତ୍ରୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ସଂଘ ଦାବୀ କରିଛି ।ଉପଜିଲ୍ଲାପାଳ ଧର୍ମଗଡ଼ ଙ୍କ ଜରିଆରେ ପ୍ରଧାନ ମନ୍ତ୍ରୀ ଙ୍କୁ ଦିଆଯାଇଥିବା ଦାବୀପତ୍ରରେ ସଂଘ ସୋନମ ବାଙ୍ଗଚୁ ଙ୍କ ଆନ୍ଦୋଳନ କୁ ପୂର୍ଣ୍ଣ ସମର୍ଥନ ଦେବା ସହିତ ସରକାର ତାଙ୍କୁ ଯେଉଁ ଦୁର୍ବ୍ୟବହାର ଦେଲେ ତାର ଘୋର ନିନ୍ଦା କରିଛନ୍ତି । ଶିକ୍ଷାର ଗୈରି କରଣ, ରାଜନୀତି କରଣ ଓ ଘରୋଇ କାରଣ କୁ ସଂଘ ଦୃଢ଼ ବିରୋଧ କରିଥିଲା । ନୂଆ ଶିକ୍ଷା ନିତି, ଛାତ୍ର ଛାତ୍ରୀଙ୍କୁ ପଙ୍ଗୁ କରୁଥିବା ବେଳେ ଓଡିଶାରେ ପାଠ୍ୟ ପୁସ୍ତକ ପ୍ରକାଶନରେ ଘୋର ବିଭ୍ରାଟ ସୃଷ୍ଟି ହେବା, ଶିକ୍ଷା ବ୍ୟବସ୍ଥାରେ ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ ହେଉଥିବାର ପରିଣାମ ବୋଲି କହିଛନ୍ତି । ତ୍ୱେ ଦିଲ୍ଲୀର ଜନ୍ତର ମନ୍ତର ଠାରେ ଜାରି ରଖିଥିବା ଛାତ୍ର ଆନ୍ଦୋଳନକୁ ପୋଲିସ ଯେଉଁଭଳି ଭାବେ ଦମନ କରିଛି ତାହା ଗଣତନ୍ତ୍ର ରେ ଆଦୌ ଗ୍ରହଣୀୟ ନୁହେଁ ବୋଲି ବକ୍ତା ମାନେ ଅଭିଯୋଗ କରିଛନ୍ତି । ଆଜିର ଏହି ଗଣ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମହାସଂଘ ର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ଜିଲ୍ଲା ଉପଦେଷ୍ଟା ଡମ୍ବରୁ ଧର ଲହଜଲ, ବରିଷ୍ଠ ନାଗରିକ ପ୍ରମୋଦ ହଂସ,ବିଜୁ ଜନତା ଦଳ ବ୍ଲକ ସଭାପତି ଡାକେଶ୍ୱର ଲହଜଲ, ଖଗେଶ୍ୱର ନାଏକ, ସୋମ୍ୟ ରଞ୍ଜନ ନାଏକ, କ୍ଷୀର ମୋହନ ପଟେଲ, ମସ୍ତକ ସୁନାନୀ,କାର୍ତିକ ନାଗ, ମଧୁ ସାଗର, ମହାଦେବ ନାଗ, କ୍ଷେତ୍ର ସତନାମୀ, ଲକ୍ଷ୍ମଣ ମହାନନ୍ଦ, କେଦାର ଜାଲ, ସୋମ୍ୟ ଦାସ ଥବିର ସାଗର,ଉଦିତ ଠାକୁର, ପ୍ରଦୀପ ସେଠିଆ ଆଦି ସହଯୋଗ କରିଥିଲେ ।

## ‘ଶିକ୍ଷା ବଞ୍ଚାଅ...ଦେଶ ବଞ୍ଚାଅ’

# ସୋନମ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ସମର୍ଥନ କରି ଶାନ୍ତିପୂର୍ଣ୍ଣ ଧାରଣା

**ବ୍ରହ୍ମପୁର :** ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଦେଶର ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଦେଶର ପ୍ରଖ୍ୟାତ ବୈଜ୍ଞାନିକ ଓ ପରିବେଶବିତ୍ ସୋନମ ୱାଙ୍ଗଚୁକ ଚଳାଇଥିବା ନ୍ୟାୟିକ ଲଢେଇକୁ ସମର୍ଥନ ଜଣାଇ ଆଜି ବ୍ରହ୍ମପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଗାନ୍ଧୀନଗର ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଠାରେ ଏକ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଧାରଣା ଅନୁଷ୍ଠିତ ହୋଇଯାଇଛି । ଧାରଣାରେ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପରିବେଶବିତ୍, ଛାତ୍ରଛାତ୍ରୀ, ଅଭିଭାବକ, ଯୁବସମାଜ ଏବଂ ବିଭିନ୍ନ ସାମାଜିକ ସଂଗଠନର ଶତାଧିକ ସଚେତନ ନାଗରିକ ସାମିଲ ହୋଇଥିଲେ । ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଅନେକ ଛାତ୍ରଛାତ୍ରୀ ମାନସିକ ଚାପରେ ଆତ୍ମହତ୍ୟା କରିବା ଭଳି ଦୁଃଖଦ ଘଟଣା ଘଟିଛି । ଏହା ଦେଶର ଶିକ୍ଷା ବ୍ୟବସ୍ଥାର ବିଫଳତାକୁ ଦର୍ଶାଉଛି । ସୋନମ ୱାଙ୍ଗଚୁକ ଏହି ବିଷୟକୁ ନେଇ ଦୀର୍ଘ ୨୦ ଦିନ ଆମରଣ ଅନଶନରେ ବସିବା ପରେ ମଧ କେନ୍ଦ୍ର ସରକାର କୌଣସି ପଦକ୍ଷେପ




ନେଇନାହାନ୍ତି । ତାଙ୍କ ସ୍ୱାସ୍ଥ୍ୟ ଅବନତି ହେବା ପରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଜୋରଜବରଦସ୍ତ ଭାଙ୍ଗିଦେବା ଗଣତନ୍ତ୍ର ଉପରେ ଆକ୍ରମଣ । ନିଟ୍ ସମେତ ସମସ୍ତ ପ୍ରତିଯୋଗିତା ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ କଠୋର ଆଇନ ପ୍ରଣୟନ କରାଯାଉ , ପ୍ରଶ୍ନପତ୍ର ଲିକ୍ ଘଟଣାର ସ୍ୱାଧୀନ ତଦନ୍ତ କରାଯାଇ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ,ଛାତ୍ର ଅନୁକୂଳ ଶିକ୍ଷା ନୀତି ପ୍ରଣୟନ କରି ସୋନମ ୱାଙ୍ଗଚୁକଙ୍କ ଦାବି ଗୁଡିକୁ ତୁରନ୍ତ ବିଚାର କରାଯାଉ । ଧାରଣାକାରୀ ମାନେ କହିଛନ୍ତି, ‘ଶିକ୍ଷା ବଞ୍ଚିଲେ ଦେଶ ବଞ୍ଚିବ’ । ନିଟ ତଥା ବିଭିନ୍ନ ପରୀକ୍ଷାରେ ଦୁର୍ନୀତି ରୋକିବାରେ ବିଫଳ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଓ ଓଡ଼ିଶାର ତ୍ରୁଟି ପୂର୍ଣ୍ଣ ପାଠ୍ୟ ପୁସ୍ତକର ପ୍ରକାଶ କରିବା ପାଇଁ ଦାୟୀ ଓଡିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା ଦାବି କରାଯାଇଥିଲା । ସରକାର ଯଦି ତୁରନ୍ତ ଉକ୍ତ ଦାବି ନମାନନ୍ତି ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଧାରଣାରେ ମତ ପ୍ରକାଶ ପାଇଛି । ଆଜିର ଧାରଣା କାର୍ଯ୍ୟକ୍ରମକୁ ‘ଆପ୍’ ନେତା ଆଦିତ୍ୟ ନାରାୟଣ ରଥ ସଂଯୋଜନା କରିଥିବା ବେଳେ ଶିକ୍ଷାବିତ୍ତ ସୁଧୀର ରାଉତ,ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା,ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଆଇ ରାଜ୍ୟ ନେତା ପ୍ରକାଶ ପାତ୍ର,ଏସ.ୟୁ.ସି.ଆଇ ଜିଲ୍ଲା ସମ୍ପାଦକ ସୋମନାଥ ବେହେରା, ସିପିଆଇ ରେଡ ଷ୍ଟାର ରାଜ୍ୟ ସମ୍ପାଦକ ଶଙ୍କର ଇନିକଲାବ , ବାମପନ୍ଥୀ ଶ୍ରମିକ ନେତା ପ୍ରତାପ ପ୍ରଧାନ, ଫୋରୱାର୍ଡ ବ୍ଲକ ଜିଲ୍ଲା ସଭାପତି ବିଭୁ ପାଢ଼ୀ,ଶିକ୍ଷକ ନେତା ଶ୍ୟାମସୁନ୍ଦର ଖାଡ଼ଙ୍ଗା, ସାମ୍ବାଦିକ ରବି ରଥ,ଅଶୋକ ଦଳାଇ, କିଶୋର ଚନ୍ଦ୍ର ପାତ୍ର, ଗଗନ ମଲ୍ଲିକ, ଲୋକନାଥ ପରିଡ଼ା, ହେତୁବାଦୀ ସଂଗଠନ ସଭାପତି ନନ୍ଦେଶୁ ସେନାପତି,ସାମାଜିକ କର୍ମୀ ପ୍ରିତିଶ ପାଣିଗ୍ରାହୀ,ହିମାଂଶୁ ଶେଖର ସାହୁ, ମନୋଜ କୁମାର ତରାଇ,ସମାଜସେବୀ ସରିତା ପଣ୍ଡା, ଶ୍ରମିକ ନେତା ପି.ପାର୍ବତୀ, ବାମପନ୍ଥୀ ନେତା କୈଳାଶ ଷଡ଼ଙ୍ଗୀ, ନୀଳକଣ୍ଠ ଦାସ,କାମଦେବ ନାହାକ ଅଖିଳ ଭାରତ ଯୁବ ସଙ୍ଘ ରାଜ୍ୟ ସମ୍ପାଦକ,ଅଳକା ମିଶ୍ର, ନିମାଇଁ ଚରଣ ସାହୁ,ଗୋକୁଳାନନ୍ଦ ତ୍ରିପାଠୀ, ଅଭିମନ୍ୟୁ ଦଳାଇ, କୈଳାଶ ସେଠୀ ପ୍ରମୁଖ ଶତାଧିକ ବିଭିନ୍ନ ସଂଗଠନର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଅଭିନବ ବୃକ୍ଷରୋପଣ କାର୍ଯକ୍ରମ

**ବ୍ରହ୍ମପୁର :** ଏକ ପେଡ୍ ମା କେ ନାମ୍ ଔର ଏକ ପେଡ୍ ପୂର୍ବୋଜୋ କେ ନାମ୍ । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ‘ଏକ ପେଡ୍ ମା କେ ନାମ’କୁ ଅନୁସରଣ କରିବା ସହ ଆଉ ଏକ ପାଦ ଆଗକୁ ଯାଇ, ଗଂଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ କୋଠାରସିଂ




ଗ୍ରାମବାସୀଙ୍କ ଦ୍ୱାରା ଏକ ଅଭିନବ ବୃକ୍ଷରୋପଣ କାର୍ଯକ୍ରମ ‘ ଏକ ପେଡ୍ ମା କେ ନାମ ଔର ଏକ ପେଡ୍ ପୂର୍ବୋଜ କେ ନାମ୍’ର ସଫଳ ରୂପାୟନ କରାଯାଇଅଛି । ନିଜ ପୂର୍ବ ପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗ୍ରାମବାସୀମାନେ ଆସି ଗ୍ରାମର ରେଡ୍ଡୀ ଶ୍ମଶାନରେ ବିଭିନ୍ନ ପ୍ରକାରର ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଠରସିଂ ସରପଞ୍ଚ ଔ ଦୁର୍ଯ୍ୟୋଧନ ରେଡି, ୱାର୍ଡ ସଭ୍ୟ ନିମାୟ ରେଡ୍ଡୀ, ଧର୍ମରଜୁ ବେହେରା , ପୂର୍ବତନ ସମିତସଭ୍ୟ କେ ବୈରାଗୀ,ଗ୍ରାମ୍ୟ କମିଟି ସଦସ୍ୟ ଉଷ ଗୋପାଳ ରେଡ୍ଡୀ, ଏ ପୀତାମ୍ବର ରେଡ୍ଡୀ, ଘ ଚେନ୍ଦ୍ରୟା ରେଡ୍ଡୀ,ଚ କିରଣ ରେଡ୍ଡୀ, ଏ ପ୍ରସାଦ ରେଡ୍ଡୀ,ଦିନେଶ ରେଡ୍ଡୀ, ଘ ଲୋକନାଥ ରେଡି,ପି ଭିମେୟା ରେଡ୍ଡୀ, ଜି ଗିରି ରେଡ୍ଡୀ, କାଳିଆ ଗୌଡ଼ , କୈଳାଶ ବେହେରା,ଖ ଶ୍ରୀନିବାସ ରେଡି ପ୍ରମୁଖ ଉପସ୍ଥିତ ଥିଲେ । ବୃକ୍ଷ ଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ କ ପୁରୁସୋତ୍ତମ ରେଡ୍ଡୀ,ଚ ଅଭିମନ୍ୟୁ ରେଡ୍ଡୀ, ଲଣ୍ଡା ତ୍ରିନାଥ ରେଡ୍ଡୀ, ଔ ତ୍ରିନାଥ ରେଡ୍ଡୀ ଏବଂ ଗୋବିନ୍ଦ ସେଠୀଙ୍କୁ ଦିଆ ଗଲା ।

# ସନ୍ଧ୍ୟା ଆଳତି ସମୟରେ ପ୍ରସାଦ ବଣ୍ଟନ

**ବ୍ରହ୍ମପୁର :** ବିଶ୍ୱକର୍ମା ସେବାସଙ୍ଘ ଗୋସାଇଁ ନୁଆଁଗାଁ ବ୍ରାହ୍ମପୁର ତରଫରୁ ସେବା ମନବୃତ୍ତି ନେଇ ଆଜି ଗୋସାଇଁ ନୁଆଁଗାଁ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟା ଆଳତି ସମୟରେ ପ୍ରସାଦ ବଣ୍ଟନ ର ବ୍ୟବସ୍ଥା ସହିତ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ପିଇବା ପାଣି ଯୋଗାଇ ଦିଆଯାଇଥିଲା ଏହି କାର୍ଯ୍ୟ ସେବାସଙ୍ଘର ସଭାପତି ପ୍ରଶାନ୍ତ ମହାରଣଙ୍କ ତତ୍ତ୍ୱାବଧାନରେ ହେଉଥିବା ବେଳେ ସଙ୍ଘର କାର୍ଯ୍ୟକାରୀ ସଭାପତି ରବି କୁମାର ମହାରଣା,ସମ୍ପାଦକ ସୁନୀଲ ମହାରଣା,ଅଶୋକ ମହାରଣା,କୃଷ୍ଣ ମହାରଣା,ଟୁନା ମହାରଣା ଦାମୋଦର ମହାରଣା ସହଯୋଗ କରିଥିବା ବେଳେ,ମୁଠା ସଭ୍ୟ ଶଙ୍କର ମହାରଣା ଓ ବିଜୟ ମହାରଣା ଧର୍ମେନ୍ଦ୍ର ମହାରଣା,ସନ୍ତୋଷ ମହାରଣା ରବି ମହାରଣା ସଙ୍ଘର ସଙ୍ଗଠକ ସମ୍ପାଦକ ଜଗନ୍ନାଥ ମହାରଣା ସମସ୍ତେ ଗୁଣ୍ଡିଚା ମନ୍ଦିର ଚତୃରପାର୍ଶ୍ୱ ସହିତ ସମୁଖ ରାସ୍ତାକୁ ସଫେଇ କରିବା ସହିତ ପ୍ଲାଷ୍ଟିକ ବ୍ୟବହାର ଠାରୁ ଦୁରେଇ ରହିବାକୁ ପରାମର୍ଶ ଦେଉଥିଲେ ।

# ମିସ୍ ଟିନ୍ ଡ଼ିଭା-୨୦୨୬ ବିଜୟ ମୁକୁଟ ପିନ୍ଧିଲେ ପ୍ରାଶୁସୀ



**ବ୍ରହ୍ମପୁର :** ରାଜସ୍ଥାନର ଜୟପୁରଠାରେ ଗ୍ଲାମାନନ୍ଦ ଫାଉଣ୍ଡେସନ୍ ତରଫରୁ ଆୟୋଜିତ ମିସ୍ ଟିନ୍ ଡ଼ିଭା-୨୦୨୬ ନାମରେ ଆୟୋଜିତ ସୁନ୍ଦରୀ ପ୍ରତିଯୋଗୀତାରେ ବ୍ରହ୍ମପୁରର ଝିଅ ପ୍ରାଶୁସୀ ଫାଇନାଲ୍ ?ରେ ପ୍ରବେଶ କରି ବିଜୟ ମୁକୁଟ ପିନ୍ଧିଛନ୍ତି । ପ୍ରାଶୁସୀ ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ-୨୦୨୬ର ସମ୍ମାନ ହାସଲ କରି ମୁକୁଟ ସହ ବେଲ୍ଟ ପ୍ରାପ୍ତ କରିଛନ୍ତି । ପ୍ରାଶୁସୀଙ୍କ ଏପରି ବିଜୟକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଡ଼ିପଲ୍ ସ୍କୁଲରେ ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରୁଥିବା ପ୍ରାଶୁସୀଙ୍କ ଘର ହିଲ୍ ?ପାଟଣା ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ପିତାଙ୍କ ନାମ ଧରଣୀଧର ପଣ୍ଡା ଓ ମାତାଙ୍କ ନାମ ସ୍ୱପ୍ନାରାଣୀ ପଣ୍ଡା ବୋଲି ଜଣାପଡ଼ିଛି । ପ୍ରାଶୁସୀଙ୍କ ନୃତ୍ୟଗୁରୁ ଅନୀଲ୍ ସେଠୀ, ଜୟନ୍ତ ଆଚାର୍ଯ୍ୟ ଓ ପ୍ରମିଳା ରହିଥିବା ଜଣାପଡ଼ିଛି ।

# ପଞ୍ଚାୟତର ଉନ୍ନତି ଓ ସମସ୍ୟାର ସମାଧାନ ନେଇ ସାଧାରଣ ବୈଠକ

**ବ୍ରହ୍ମପୁର :** ସ୍ଥାନୀୟ ହଳଦିଆପଦର ଗ୍ରାମ ପଞ୍ଚାୟତର ଉନ୍ନତି ଓ ସମସ୍ୟାର ସମାଧାନ ନେଇ ସୋମବାର ଏକ ସାଧାରଣ ବୈଠକ ଚନ୍ଦ୍ର କନ୍ଦେଶ୍ୱର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଯାଇଛି । ଗ୍ରାମ୍ୟ ରାସ୍ତାର ପ୍ରସାରଣ ଓ ଉନ୍ନତମାନର ମରାମତି, ରାସ୍ତା ପାଶ୍ୱର୍ରେ ନାଳ ନିର୍ମାଣ, ଆଲୋକର ବ୍ୟବସ୍ଥା, ଗ୍ରାମ ପୋଖରୀର ପୁନଃରୁଦ୍ଧାର, ହିତାଧିକାରୀମାନଙ୍କୁ ସରକାରୀ ସୁବିଧା ଏବଂ ମାଙ୍ଗଳିକ କାର୍ଯ୍ୟକ୍ରମ ପାଇଁ କଲ୍ୟାଣୀମଣ୍ଡପର ଆବଶ୍ୟକତା ନେଇ ଏଠାରେ ଆଲୋଚନା କରାଯାଇଥିଲା । ଗ୍ରାମର ରାସ୍ତା ପାଶ୍ୱର୍ରେ ଜବରଦଖଲ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦ ଏସ୍. ରାଜେଶ୍ୱରୀ ଦୋରା, ସରପଞ୍ଚ ଦଣ୍ଡପାଣି ବେହେରା, ସମିତି ସଭ୍ୟ କେ. ପ୍ରବୀଣ କୁମାର, ସମାଜସେବୀ ପ୍ରଶାନ୍ତ କୁମାର ସାହୁ, ରାଜେନ୍ଦ୍ର କୁମାର ଦାସଙ୍କ ସମେତ ହଳଦିଆପଦର ଗ୍ରାମର ବହୁ ବାସିନ୍ଦା ଉପସ୍ଥିତଥିଲେ ।

# ହେରା ପଞ୍ଚମୀରେ ମହାପ୍ରଭୁଙ୍କ ଲକ୍ଷ୍ମୀ ନୃସିଂହ ବେଶ

**ଶେରଗଡ :** ଶେରଗଡ ର ଆରାଧ ଠାକୁର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ହେରା ପଞ୍ଚମୀ ର ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ଙ୍କ ନବଦିନାତ୍ମକ ଗୁଣ୍ଡିଚା ଯାତ୍ରାରେ ହେରା ପଞ୍ଚମୀ ଏକ ଉତ୍ସବ ଯାହାକି, ଶ୍ରୀ ଜଗନ୍ନାଥ ଓ ମହାଲକ୍ଷ୍ମୀ ଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ପରମ୍ପରା । ଏହି ହେରା ପଞ୍ଚମୀ ତିଥି ସୋମବାର ପ୍ରଭାତ ରୁ ଦ୍ୱାର ଫିଟା, ମଙ୍ଗଳ ଆଳତୀ, ଅବକାଶ ନୀତି ଓ ଗୋପାଳ ବଲ୍ଲଭ ପରେ ଠାକୁର ଙ୍କ ଦର୍ଶନ ନିମନ୍ତେ ସାହାଣ ମେଲା ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନ ଧୂପ ପରେ ଠାକୁର ଙ୍କ ପହଡ ପଡି ଅପରାହ୍ନ ରେ ମହାପ୍ରଭୁ ଲକ୍ଷ୍ମୀ ନରସିଂହ ବେଶରେ ସଜେଇ ହୋଇଥିଲେ । ଅନ୍ୟ ପଟେ ବଡ ଭାଇ ଓ ଭଉଣୀ ଙ୍କୁ ସାଥିରେ ନେଇ ମହାପ୍ରଭୁ ଗୁଣ୍ଡିଚା ଯାତ୍ରା କରିଥିବାରୁ ଧର୍ମପତ୍ନୀ ମହାଲକ୍ଷ୍ମୀ ଶ୍ରୀ ଜଗନ୍ନାଥଙ୍କ ଉପରେ ରୋଷ କରିଥିବା ଏକ ନିଆରା ଉତ୍ସବ କେବଳ ଜଗନ୍ନାଥ ସଂସ୍କୃତି ରେ ଦେଖିବାକୁ ମିଳେ ।



ଆଜି ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ଭକ୍ତଙ୍କ ଭିଡ ଜମିଥିଲା । ରାତ୍ରି ପ୍ରାୟ ୧୦ ଟା ବେଳେ ରାତ୍ର ଧୂପ ବଢିବା ପରେ ବଡସିଂହାର ବେଶ ଅନୁଷ୍ଠିତ ହୋଇଥିଲା । ପରେ ବଡ ଦେଉଳ ରୁ ମହାଲକ୍ଷ୍ମୀ ସୁସଜ୍ଜିତ ବିମାନରେ ବଡ ପଣ୍ଡା, ପଢିଆରୀ ମାନଙ୍କ ସହିତ ଆଡପ ମଣ୍ଡପ କୁ ଯାତ୍ରା କରିଥିଲେ । ଶେରଗଡ ରାଜା ସାହେବ ପୂର୍ଣ୍ଣ ଚନ୍ଦ୍ର ସିଂ ଦେଓ ଓ ପ୍ରସନ୍ନ କୁମାର ସିଂ ଦେଓ ଙ୍କ ସହ ସହସ୍ରାଧିକ ଜନସାଧାରଣ ଏହି ନିଆରା ପରମ୍ପରାରେ ଅଂଶଗ୍ରହଣ କରିଥିଲେ । ମନ୍ଦିର ନିକଟରେ ପହଞ୍ଚି ଭୋଗ ଅର୍ପଣ ପରେ ମାଉସୀ ମା ମନ୍ଦିର ସମ୍ମୁଖରେ ବିଦ୍ୟମାନ ରଥ ନିକଟକୁ ଆସିଥିଲେ । ସେଠାରେ ରଥ ପରିକ୍ରମା କରାଗଲା ପରେ ଜଗମୋହନ ଙ୍କୁ ବିଜେ କରାଇଥିଲେ । ପରେ ମହାଲକ୍ଷ୍ମୀ ରଥ ନିକଟକୁ ଫେରି ପରମ୍ପରା ଅନୁସାରେ ରଥ ରୁ କାଠ ଭାଙ୍ଗି ବଡ ଦେଉଳ କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଅବସରରେ ଆଜି ହେରା ପଞ୍ଚମୀ ଉପଲକ୍ଷେ ଜଗନ୍ନାଥ, ବଳଭଦ୍ର ଙ୍କ ଲକ୍ଷ୍ମୀ ନରସିଂହ ବେଶ କୁ ଦେଖି ଭକ୍ତ ଆନନ୍ଦ ରେ ବିଭୋର ହୋଇ ଉଠିଥିଲେ ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା:୨ ମୃତ୍ୟୁ,୨ ଗୁରୁତର

**କଟକ :** ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକ୍‌କୁ ଧକ୍କା ଦେଲା ଚିଙ୍ଗୁଡ଼ି ବୋଝେଇ ଟ୍ରକ୍ । ୨ ମୃତ ୨ ଗୁରୁତର । କଟକ ଚାନ୍ଦବାଲି ରାସ୍ତାର କୁସୁନପୁର ଠାରେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ୨ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ କଟକ ସ୍ଥାନାନ୍ତର କରାଯାଇଛି । ମୃତକଙ୍କ ପରିଚୟ ମିଳିପାରିନି । ସୂଚନା ଅନୁଯାୟୀ, କଟକ ଚାନ୍ଦବାଲି ରାସ୍ତାର କୁସୁନପୁର



ଛକ ଠାରେ ଚକ ଫାଟି ଯିବା ଯୋଗୁଁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ରାସ୍ତା କଡରେ ଅଟକି ରହିଥିଲା । ଭୋର୍ ପ୍ରାୟ ୫ଟା ବେଳେ କଟକ ଆଡୁ ଆସୁଥିବା ଏକ ଚିଙ୍ଗୁଡ଼ି ବୋଝେଇ କଣ୍ଟେନର ଟ୍ରକ୍ କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଚିଙ୍ଗୁଡ଼ି ବୋଝେଇ ଟ୍ରକ୍ ରେ ଥିବା ୪ ଜଣଙ୍କ ମଧ୍ୟରୁ ଦୁଇଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ହସ୍ପିଟାଲ ପରେ କଟକ ସ୍ଥାନାନ୍ତର କରାଯାଇଛି । ମୃତକଙ୍କ ପରିଚୟ ମିଳିପାରିନାହିଁ । ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରକ୍ ଟି ପୁରାପୁରି ଛିନଛତ୍ର ହୋଇଯାଇଛି ।

# ଧମକାଇ ଶ୍ରମରୁ ବଞ୍ଚିତ କରିବାରୁ ଏସ୍.ପି.ଙ୍କ ଦ୍ୱାରସ୍ଥ ହେଲେ ଆର୍ଯ୍ୟପଲ୍ଲୀ ମହିଳା

**ଛତ୍ରପୁର :** ୫୦ ବର୍ଷ ପୁର୍ବରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌରପରିଷଦ ଉପକଣ୍ଠ ସାନ ଆର୍ଯ୍ୟପଲ୍ଲୀ ଅଞ୍ଚଳରେ ଥିବା ଭାଲିଆ ତୋଟାରେ ଜଗୁଆଳି କାମ କରି ଆସୁଥିବା କିଛି ମହିଳାଙ୍କୁ ଧମକାଇ ସେଠାରୁ ବାହାର କରିଦେବା ଅଭିଯୋଗ ସାମ୍ନାକୁ ଆସିଛି । ସେହି ଗ୍ରାମ ନିକଟରେ ଥିବା ଭାରତୀୟ ବିରଳ ମୃତ୍ତିକା ଲିମିଟେଡ (ଆଇ.



ଆର. ଇ. ଏଲ୍.)ର ବିରଳ ମୃତ୍ତିକା ପାଇଁ ସାମୁଦ୍ରିକ ବାଲି ଖନନ ନିମନ୍ତେ ଅନେକ ଗଛ କଟା ହୋଇଛି । ଖନନ ପରେ ସେହି ଅଞ୍ଚଳରେ ଆଇ.ଆ଼ର୍.ଇ.ଏଲ୍. କମ୍ପାନୀ ପୁନର୍ବାର ଚାରାରୋପଣ କରି କିଛି ଲୋକଙ୍କୁ ଜଗୁଆଳି ଭାବେ ନିଯୁକ୍ତ କରିଛି । କିନ୍ତୁ ଏହି ମହିଳାମାନେ ଅଭିଯୋଗ କରିଛନ୍ତି ଯେ ଯେଉଁ କାମ ସେମାନେ ଦୀର୍ଘ ୫୦ ବର୍ଷ ଧରି କରିଆସୁଥିଲେ, ଏବେ ସେମାନେ ନିଯୁକ୍ତି ହରାଇଛନ୍ତି । ତା ସହିତ ପ୍ରତ୍ୟେକ ମହିଳାଙ୍କୁ ଜମି ଅଧିଗ୍ରହଣ କ୍ଷତିପୂରଣ ବାବଦକୁ ୬ ଲକ୍ଷ ୮୮ ହଜାର ଟଙ୍କା କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିଲା । ସେହି ଗ୍ରାମର କିଛି ଯୁବକ ଧମକ ଚମକ ଦେଇ ଜୋରଜବରଦସ୍ତି ମହିଳାଙ୍କୁ ଏହି କାମରୁ ବାହାର କରିଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ମହିଳାମାନେ ଗତ ଜାନୁୟାରୀ ୨୦୨୫ ରେ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମେରାଇନ ଥାନାରେ କେସ୍ ନଂ ୧/୨୦୨୫ ରେ ଏକ ମାମଲା ରୁଜୁ କରିଥିଲେ । ଦେଢ଼ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେମାନେ ବାଧ ହୋଇ ସୋମବାର ଦିନ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବି.ସି. ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ମହିଳାମାନେ ଦାବି କରିଛନ୍ତି ଯେ ତାଙ୍କୁ ପୁଣି ଥରେ ସେହି କାର୍ଯ୍ୟରେ ନିୟୋଜିତ କରାଯାଉ ।

# କିଶୋର କିଶୋରୀଙ୍କ ସଶକ୍ତୀକରଣ, ବାଲ୍ୟ ବିବାହ ଓ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ତ୍ରୈମାସିକ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା :** କିଶୋର କିଶୋରୀଙ୍କ ସଶକ୍ତୀକରଣ, ବାଲ୍ୟ ବିବାହ ନିରାକରଣ, ଶିଶୁ ଶ୍ରମ ଉଚ୍ଛେଦ ଏବଂ ଚାଇଲ୍ଡଲାଇନ୍ ଆଡଭାଇଜରୀ ବୋର୍ଡ ସମ୍ପର୍କିତ ତ୍ରୈମାସିକ ସମୀକ୍ଷା ବୈଠକ ଆଜି କେନ୍ଦ୍ରାପଡ଼ା କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଶିଶୁମାନଙ୍କର ସୁରକ୍ଷା, ଶିକ୍ଷା, ସଶକ୍ତୀକରଣ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବା ସମାଜର ସାମୂହିକ ଦାୟିତ୍ୱ । ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମ ଭଳି ସାମାଜିକ କୁପ୍ରଥାକୁ ସମୂଳେ ଦୂର କରିବା ପାଇଁ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ଗତ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ନିଆଯାଇଥିବା ନିଷ୍ପତ୍ତି, ଜିଲ୍ଲା କାର୍ଯ୍ୟଯୋଜନାର ଅଗ୍ରଗତି ଏବଂ କିଶୋର କିଶୋରୀଙ୍କ ସଶକ୍ତୀକରଣ ଓ ବାଲ୍ୟ ବିବାହ ନିରାକରଣ କ୍ଷେତ୍ରରେ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଗତ ସମୀକ୍ଷା ବୈଠକର ନିଷ୍ପତ୍ତିଗୁଡ଼ିକର ଅନୁପାଳନ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଓ ୱାର୍ଡ ଗଠନ, ବାଲ୍ୟ ବିବାହ ମାମଲାରେ ଶିଶୁ କଲ୍ୟାଣ କମିଟିର ଭୂମିକା, ‘ଅଦ୍ୱିକା’ କାର୍ଯ୍ୟକ୍ରମ, ‘ଆଡୋଲେସେଣ୍ଟ ଶକ୍ତି’ କାର୍ଯ୍ୟକ୍ରମ, ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ନିରାକରଣ ସଚେତନତା ଅଭିଯାନ ‘ପ୍ରତିଜ୍ଞା’ ଓ ‘ଅକ୍ଷୟ ତୃତୀୟା’ ଅବସରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହିତ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଉତ୍ତମ କାର୍ଯ୍ୟପଦ୍ଧତି ଏବଂ ସଫଳ କେସ୍ ଷ୍ଟଡି ଉପସ୍ଥାପନ କରାଯାଇଥିଲା । ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ମୁକ୍ତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡିଏସପି ପୋଲିସ ବବିତା ଦଳାଇ,ଶିଶୁ କଲ୍ୟାଣ ସମିତି ଅଧକ୍ଷା ସ୍ୱାଗତିକା ପାତ୍ର, ଜିଲ୍ଲାର ନିୟୋଜନ ଅଧିକାରୀ ଇନ୍ଦ୍ରାଣୀ ମଲ୍ଲିକ, ଜିଲ୍ଲା ସଂଯୋଜକ ମହିଳା ସଶକ୍ତିକରଣ ଲଲାଟେନ୍ଦୁ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ,ସମସ୍ତ ସିଡିପିଓ,ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସଂସ୍ଥାର ପ୍ରତିନିଧି ଏବଂ ଟାସ୍କଫୋର୍ସର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଶେଷରେ ପ୍ରୋଟେକ୍ସନ ଅଫିସର କମ୍ ପ୍ରୋବେସନ ଅଫିସର ଶ୍ରୀମତୀ ସବିତା ରାଣୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାକାଳପଡ଼ାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦ୍ରାପଡ଼ା/ମହାକାଳପଡ଼ା :** ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ସହ ପ୍ରଶାସନିକ ସେବାକୁ ଲୋକଙ୍କ ଦ୍ୱାରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ରଘୁରାମ ଆରଆୟରଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ମହାକାଳପଡ଼ା ବ୍ଲକ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀ ମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ । ମୋଟ ୮୦ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୬୨ଟି ବ୍ୟକ୍ତିଗତ ଏବଂ ୧୮ଟି ସାମୂହିକ ଅଭିଯୋଗ ରହିଥିଲା । ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ ସେବା, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ ଓ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କିତ ଅଭିଯୋଗ ପ୍ରମୁଖ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୮ଟି ମାମଲାର ସ୍ଥଳରେ ତୁରନ୍ତ ସମାଧାନ କରାଯାଇଥିଲା । ସେହିପରି ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ସିଏମ୍‌ଆରଏଫ୍)ରୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା । ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଓ ପ୍ରଭାବଶାଳୀ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ତୁରନ୍ତ ପ୍ରେରଣ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ଆୟର ଅଭିଯୋଗଗୁଡ଼ିକର ଗୁରୁତ୍ୱକୁ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମ୍ବେଦନଶୀଳତାର ସହିତ ଅଭିଯୋଗଗୁଡ଼ିକର ଯାଞ୍ଚ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ମହାକାଳପଡ଼ା ବ୍ଲକର ବିଡିଓ, ତହସିଲଦାରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟ ଯେ, ଜୁଲାଇ ମାସର ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ୨୭ ଜୁଲାଇ ୨୦୨୬ ତାରିଖରେ ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏହି ଶିବିରରେ ଜନସାଧାରଣ ଉପସ୍ଥିତ ରହି ସେମାନଙ୍କର ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ଜାତୀୟ ରାଜପଥ ୨୧୭ ଠାରୁ ମସିଆଖାଲି ଜଉ ରାସ୍ତା ପାଲଟିଛି ମରଣଯନ୍ତା





**କୁକୁଡାଖଣ୍ଡି :** ବ୍ଲକ ମସିଆଖାଲି ପଞ୍ଚାୟତ ମୁଖ୍ୟରାସ୍ତା ଯଥା ଆଙ୍କୁସପୂର୍ ଛକ ଠାରୁ ମସିଆଖାଲି ମୁଖ୍ୟ ରାସ୍ତା ଦୟନୀୟ ଅବସ୍ଥାରେ ରହିଛି ମସିଆଖାଲି ଗାଁ ରେ ପଞ୍ଚାୟତ କାର୍ଯ୍ୟାଳୟ ରହିଛି କିନ୍ତୁ ରାସ୍ତା ଦୀର୍ଘ ୨୫ ବର୍ଷ ହେଲା କୌଣସି କାମ ହୋଇନାହିଁ , ୨୦୦୨ ମସିହାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା କିନ୍ତୁ ଦୀର୍ଘ ୨୫ ବର୍ଷ ହେଲା କୌଣସି କାମ ନ ହେବାରୁ ରାସ୍ତା ସମ୍ପୂର୍ଣ୍ଣ ସଙ୍କୋଚିତଏବଂ ନଷ୍ଟ ହୋଇ ବାରମ୍ବାର ଛୋଟ ବଡ ଦୃଘଟଣା ହେଉଛି , ମୁଖ୍ୟତଃ ଏହି ରାସ୍ତା ବୋରିଗାଁ ନିମଖଣ୍ଡି ଲୁଚାପଡ଼ା ଦେଇ ବ୍ରହ୍ମପୁର ସହର ସହ ସଂଯୋଗ ଅଛି ଏହି ରାସ୍ତା ଉପରେ ହଜାର ହଜାର ଲୋକ ଯିବା ଆସିବା କରନ୍ତି ଏବଂ ଏହି ରାସ୍ତା କଡ଼ରେ ଓମଫେଡ କମ୍ପାନୀ ଦମକଳ କେନ୍ଦ୍ର, ଆୟୁର୍ବେଦିକ କଲେଜ ହଷ୍ଟେଲ, ଟାଟା ପାୱାର ସାମଗ୍ରୀ ଷ୍ଟୋର ୩ ଟି ରାଇସ ମିଲ କୁକୁଡ଼ା ଫାର୍ମ ଓ ବହୁ ଫେକଟ୍ରୀ ରହିଛି ଯାହାଫଳରେ ଛୋଟ ବଡ ଗାଡି ପ୍ରତିଦିନ ଯିବାଆସିବା କରୁଛି ତେଣୁକରି ଗ୍ରାମ୍ୟ ନିର୍ମାଣ ବିଭାଗ କର୍ତ୍ତୃପକ୍ଷ ଶୀଘ୍ର ଚଉଡ଼ା ରାସ୍ତା ତିଆରି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛନ୍ତି ମସିଆଖାଲି ଗ୍ରାମବାସୀ ।

# ହଳ ବଦଳିଲା, ଯନ୍ତ୍ର ଆସିଲା : ଚାଷୀର ଭାଗ୍ୟ କେବେ ବଦଳିବ

**ବଣାଇଁ :** ସମୟ ଥିଲା, ଗାଁ ର ସକାଳ ଆରମ୍ଭ ହେଉଥିଲା ବଳଦର ଘଣ୍ଟିର ଶବ୍ଦ ଓ ହଳ ଧରି ଜମିକୁ ଯାଉଥିବା ଚାଷୀଙ୍କ ପଦଧ୍ୱନିରେ। ଆଜି ସେହି ଚିତ୍ର ବଦଳିଯାଇଛି। ହଳର ସ୍ଥାନ ନେଇଛି ଟ୍ରାକ୍ଟର, ପାୱାର ଟିଲର, ରୋଟାଭେଟର, ଧାନ ରୋପଣ ମେସିନ୍ ଓ ହାରଭେଷ୍ଟର। ପ୍ରଯୁକ୍ତି ଚାଷକୁ ଦ୍ରୁତ କରିଛି, କିନ୍ତୁ ଚାଷୀଙ୍କ ଜୀବନକୁ ସେତେଟା ସହଜ କରିପାରିନାହିଁ। ଆଜିର ଚାଷୀ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରୁଛନ୍ତି, କିନ୍ତୁ ସେଥିପାଇଁ ବଢୁଥିବା ଡିଜେଲ ଦର, ବିହନ, ସାର, କୀଟନାଶକ ଓ ଯନ୍ତ୍ରପାତିର ଭଡ଼ା ତାଙ୍କ ଉପରେ ଅସହ୍ୟ ଆର୍ଥିକ ବୋଝ ସୃଷ୍ଟି କରୁଛି। ଚାଷରେ ଲାଗୁଥିବା ଖର୍ଚ୍ଚ ବର୍ଷକୁ ବର୍ଷ ବଢୁଥିବା ବେଳେ, ଫସଲର ଉଚିତ ମୂଲ୍ୟ ମିଳୁନାହିଁ। ଅନେକ ସମୟରେ ବାଧ ହୋଇ ଚାଷୀମାନେ ଅଭାବୀ ଦରରେ ନିଜ ଉତ୍ପାଦ ବିକ୍ରି କରୁଛନ୍ତି। ଏହା ସହିତ ଅନିୟମିତ ବର୍ଷା, ଖରା, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଚାଷକୁ ଆହୁରି ଅନିଶ୍ଚିତ କରିଦେଇଛି। କୃଷି ଋଣର ଭାର, ଋଣ ଛାଡ଼ର ସୀମିତ ସୁବିଧା ଏବଂ ବଜାର ବ୍ୟବସ୍ଥାର ଦୁର୍ବଳତା ଅନେକ ଚାଷୀଙ୍କୁ ଗଭୀର ଆର୍ଥିକ ସଙ୍କଟରେ ପକାଇ ଦେଉଛି। ଏହି ଆର୍ଥିକ ଚାପ କେତେକ ପରିବାର ପାଇଁ ଏତେ ଅସହ୍ୟ ହୋଇପଡୁଛି ଯେ, କିଛି ଚାଷୀ ନିରାଶାର ଚରମ ସୀମାକୁ ପହଞ୍ଚି ଜୀବନ ପ୍ରତି ଆଶା ହରାଇ ବସୁଛନ୍ତି। ଏହା କେବଳ ଜଣେ ବ୍ୟକ୍ତିର ନୁହେଁ, ସମଗ୍ର କୃଷି ବ୍ୟବସ୍ଥାର ଏକ ଗଭୀର ଚିନ୍ତାର ବିଷୟ। ଦେଶର ଅନ୍ନଦାତାଙ୍କ ପରିଶ୍ରମରେ ପ୍ରତ୍ୟେକ ଘରକୁ ଅନ୍ନ ପହଞ୍ଚୁଛି। କିନ୍ତୁ ସେହି ଚାଷୀ ଯଦି ନିଜ ପରିବାରର ଭବିଷ୍ୟତକୁ ନେଇ ଅନିଶ୍ଚିତତାରେ ରୁହନ୍ତି, ତେବେ କୃଷିର ଆଧୁନିକୀକରଣ ଅଧୂରା ରହିଯିବ। ସରକାରଙ୍କ ପକ୍ଷରୁ ନ୍ୟାୟସଙ୍ଗତ ସହାୟକ ମୂଲ୍ୟ, ସହଜ କୃଷି ଋଣ, ସୁଲଭ ଦରରେ ବିହନ ଓ ସାର, ଡିଜେଲରେ ରିହାତି, ଫସଲ ବୀମା ଏବଂ ସୁଦୃଢ଼ ବଜାର ବ୍ୟବସ୍ଥା ସୁନିଶ୍ଚିତ ହେଲେ ହିଁ ଚାଷୀଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ ଆସିପାରିବ। 'ହଳ ବଦଳିଛି, ବଳଦ ବଦଳିଛି, ବଦଳିଛି ଚାଷର ରୂପ କିନ୍ତୁ ଅନ୍ନଦାତାଙ୍କ ଝାଳ ବୁହା ପରିଶ୍ରମର ମୂଲ୍ୟ ଓ ଜୀବନର ସଂଘର୍ଷ ଆଜି ମଧ୍ୟ ପ୍ରାୟ ଅପରିବର୍ତ୍ତିତ ରହିଛି।



# ଜାଭିୟର୍ସ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନବଜୀବନ ସେବାଶ୍ରମରେ ବସ୍ତ୍ର ବଣ୍ଟନ

**ବ୍ରହ୍ମପୁର :** ମିନାକ୍ଷୀ ନଗର ସ୍ଥିତ ସେଣ୍ଟ୍ ଜାଭି ୟର୍ସ ହାଇସ୍କୁଲର ସ୍କାଉଟ , ଗାଇଡ ,ଏନସିସି ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନଙ୍କ ତରଫରୁ କନିଷୀ ନିକଟସ୍ଥ ନବ ଜୀବନ ସେବାଶ୍ରମ ର ଅନ୍ତେବାସୀଙ୍କୁ ବସ୍ତ୍ର ସହ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ।ଛାତ୍ରଛାତ୍ରୀ ମାନେ ଆଶ୍ରମ ପରିସର ବୁଲି ଦେଖିବା ସହ ପରିବେଶର ସୁରକ୍ଷା ଓ ସ୍ୱାସ୍ଥ୍ୟ ର ଯତ୍ନ ନେଇ ସଚେତନ



କରିଥିଲେ । ଛାତ୍ରଛାତ୍ରୀମାନେ ଆଶ୍ରମରେ ଏପରି ଗୋପାଳନ , ଶିକ୍ଷା ଓ ଆନୁସଙ୍ଗିକ ବ୍ୟବସ୍ଥା ନେଇ ଖୁସି ଅନୁଭବ କରିଥିଲେ । ଆଶ୍ରମ ର ମୂଖ୍ୟ ପରିଚାଳକ ସୁଶାନ୍ତ ମହାରଣା ଏହି ଅବସରରେ ଉପସ୍ଥିତ ରହି ଆଶ୍ରମ ର ବିଭିନ୍ନ କାର୍ଯ୍ୟପନ୍ଥା ନେଇ ସୂଚନା ଦେଇଥିଲେ । ଗାଇଡ୍ ଶିକ୍ଷୟିତ୍ରୀ ରଶ୍ମିତା ଦଳେଇ ,ଶିକ୍ଷକ ଅଭିଳାଶ ଶିକା , ଏନସିସି ଶିକ୍ଷକ ଦୀପକ, ସ୍ୱପ୍ନା ରାଣୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଛାତ୍ରଛାତ୍ରୀଙ୍କ ଏପରି ସେବା ମୂଳକ କାର୍ଯ୍ୟ ନେଇ ସ୍କୁଲର ନିର୍ଦ୍ଦେଶକ କୁନାଲ୍ କୌଶିକ ପଣ୍ଡା, ରାହୁଲ୍ ରାଜ ପଣ୍ଡା , ଅଧକ୍ଷ କାହ୍ନୁ ଚରଣ ପଣ୍ଡା , ଉପାଧ୍ୟକ୍ଷ ପ୍ରକାଶ ପଲାଇ, ଅନୁପମା ପ୍ରଧାନ ସଭିଙ୍କୁ ସାଧୁବାଦ୍ ଜଣାଇଥିଲେ। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଏଥିରେ ସହ ଯୋଗ କରିଥିଲେ ।

# ପି.ଏମ୍.ଶ୍ରୀ ଉଚ୍ଚବିଦ୍ୟାଳୟ ସୋଲବନ୍ଧରେ ଗଠିତ ହେଲା ନୂତନ ସ୍କୁଲ ପରିଚାଳନା କମିଟି

**ପାଟଣାଗଡ଼ :** ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟ ସୋଲବନ୍ଧ ରେ ଗଠିତ ହେଲା ୨୦ ଜଣିଆ ନୂତନ ସ୍କୁଲ ପରିଚାଳନା କମିଟି ! ବିଦ୍ୟାଳୟ ପରିସରରେ ସମସ୍ତ ଅଭିଭାବକ ଅଭିଭାବିକା ମାନଙ୍କ ଉପସ୍ଥିତିରେ ସ୍କୁଲ ପରିଚାଳନା କମିଟି ର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ଆଶା କର୍ମୀ କିଶୋରୀ ବରିହା, ଅଙ୍ଗନୱାଡ଼ି କର୍ମୀ ପ୍ରିୟମ୍ବଦା ପୁଟେଲ, ଗାଁ ର ମହିଳା ୱାର୍ଡ ମେମ୍ବର ଦୈମତି ପଧାନ, ସହଯୋଗୀ ଶିକ୍ଷକ ସୁରୁସିଂ ନାଏକ ଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ ଙ୍କ ମାତା ପିତା ଙ୍କୁ ନେଇ ୨୦ ଜଣିଆ ସ୍କୁଲ ପରିଚାଳନା କମିଟି ତଥା ସଦସ୍ୟ ସଦସ୍ୟା ମାନଙ୍କୁ ଚୟନ କରାଯାଇଥିଲା। ଚୟନ ହୋଇଥିବା ସଦସ୍ୟ ସଦସ୍ୟା ମାନେ ବିଦ୍ୟାଳୟରେ ଉପସ୍ଥିତ ହୋଇ ପରିଚାଳନା କମିଟିର ମେମ୍ବର, ସଭାପତି ଓ ଉପ ସଭାପତି ଚୟନ କରିଥିଲେ। ଏହି ଚୟନ ପ୍ରକ୍ରିୟା ରେ ପ୍ରଥମ ତହ ମେମ୍ବର ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ଛାତ୍ରଛାତ୍ରୀ ଙ୍କ ଅଭିଭାବକ ଙ୍କ ଦ୍ୱାରା ମନୋନୀତ ମେମ୍ବର ପଲସୀ ବରିହା, ମାଧବୀ ମାଝୀ, ନୃପ ବାଗ, ପବିତ୍ର ପୁଟେଲ, ଥବିର ସାହୁ, ସଦାନନ୍ଦ ମେହେର,




ତୁଲାବତି ସେଠ, ଦ୍ୱିତୀୟା ବିଶି, ସିଦ୍ଧେଶ୍ୱର ମାଝୀ, ଲିଲି ପଧାନ, ରୀନା ଭୋଇ, ସମାରି ବରିହା, ପୁଷ୍ପାଞ୍ଜଳି ଭୁଏ, ସତ୍ୟବତୀ ମେହେର, ଭୂମିସୁତା ମେହେର ୧୫ ଜଣ ମେମ୍ବର ମନୋନୀତ ହୋଇଥିଲେ । ଏବଂ ୧୫ ଜଣ ମେମ୍ବର ଚୟନ ମଧ୍ୟରେ ମାଧବୀ ମାଝୀ ଙ୍କୁ ଉପ ସଭାପତି ଭାବରେ ସମସ୍ତ ମେମ୍ବର ଚୟନ କରିଥିବା ବେଳେ ସଭାପତି ପଦ ପାଇଁ ତିନି ଜଣ ପ୍ରାର୍ଥୀ ଛିଡ଼ା ହେବାରୁ ସ୍କୁଲ୍ ର ପ୍ରଧାନ ଶିକ୍ଷକ ଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ସମସ୍ତ ମେମ୍ବର ମାନଙ୍କୁ ନେଇ ଭୋଟ କରାଯାଇଥିଲା । ସଭାପତି ପଦ ପାଇଁ ତିନି ଜଣ ପ୍ରାର୍ଥୀ ଛିଡ଼ା ହେବା ଦେଖି ପ୍ରଧାନ ଶିକ୍ଷକ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଗାଁ ର ମହିଳା ୱାର୍ଡ ମେମ୍ବର, ସହଯୋଗୀ ଶିକ୍ଷକ ଭୋଟ ରେ ଅଂଶ ଗ୍ରହଣ ନ କରି ସ୍କୁଲ ପରିଚାଳନା କମିଟି ପାଇଁ ୧୫ ଜଣ ମେମ୍ବର ଙ୍କୁ ନେଇ ଭୋଟ କରିବା ନେଇ ନିଷ୍ପତ୍ତି ଛାଡିଥିଲେ।ପରେ ୧୫ ଜଣ ମେମ୍ବର ମଧ୍ୟରେ ଭୋଟ କାର୍ଯ୍ୟ ଆରମ୍ଭ ହୋଇଥିଲା।ଏହି ଭୋଟ ପ୍ରକ୍ରିୟା ରେ ନୃପ ବାଗ ସୂର୍ଯ୍ୟ ଚିହ୍ନ, ପଲସୀ ବରିହା ଚନ୍ଦ୍ର ଚିହ୍ନ ଓ ସିଦ୍ଧେଶ୍ୱର ମାଝୀ ତାରା ଚିହ୍ନ ରେ ଛିଡା ହୋଇଥିଲେ । ପରେ ଭୋଟ ହୋଇଥିଲା ଓ ଭୋଟ ଶେଷ ହେବା ପରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ମେମ୍ବର ସମ୍ମୁଖରେ ଭୋଟ ଗଣତି ହୋଇ ଥିଲା ଭୋଟ ଗଣତି ଶେଷ ହେବା ବେଳେ ନୃପ ବାଗ ୩ ଖଣ୍ଡ, ପଲସୀ ବରିହା ୬ ଖଣ୍ଡ,ସିଦ୍ଧେଶ୍ୱର ମାଝୀ ୫ ଖଣ୍ଡ ଓ ଗୋଟିଏ ଭୋଟ ନାକଚ ହୋଇଥିବା ବେଳେ ୬ ଖଣ୍ଡ ଭୋଟ ପାଇ ପଲସୀ ବରିହା ନୂତନ ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟ ସୋଲବନ୍ଧ ର ଗଠିତ ନୂତନ ସ୍କୁଲ ପରିଚାଳନା କମିଟି ର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ଏହି ସ୍କୁଲ ପରିଚାଳନା କମିଟି ଗଠନ ସଭା କୁ ସହ ଶିକ୍ଷକ ସୁରୁସିଂ ନାଏକ ସଭା ପରିଚାଳନ କରିଥିବା ବେଳେ ସ୍କୁଲ ର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ଗୋପବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବରେ ମେଗା ରକ୍ତଦାନ ଶିବିର

**ବ୍ରହ୍ମପୁର :** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ



ଲୋକସେବକ ମଣ୍ଡଳ ଓ ସମାଜ ପକ୍ଷରୁ ବ୍ରହ୍ମପୁର ସ୍ଥିତ ସାମନ୍ତରାୟ ଏକାଡେମୀ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଉଦଘାଟିତ ହୋଇ ଯାଇଛି । ଗୋସାଇଁନୂଆଗାଁ ସ୍ଥିତ ଏକାଡ଼େମୀ ପରିସରରେ ଅନୁଷ୍ଠିତ ଶିବିରରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏ. ସସ୍ୟା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଲୋକସେବକ ମଣ୍ଡଳ କୋଷାଧକ୍ଷ ତଥା ସମାଜର ମୂଦ୍ରକାର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା, ପୂର୍ବତନ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ । ସାମନ୍ତରାୟ ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ କାଯ୍ୟକ୍ରମ ପରିଚାଳନା କରିଥିଲେ । ଏକାଡେମୀର ଶତାଧିକ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ନେତା ଡ ଶଙ୍କର ମାଝୀ, କଳିଙ୍ଗ ବିଦ୍ୟାମନ୍ଦିର ସମ୍ପାଦକ ହରିକୃଷ୍ଣ କୋଠିଆ, ଆଇନଜୀବୀ ପଲବ ଦାସ, ଅବସରପ୍ରାପ୍ତ ପ୍ରାଧାପକ ଡ ରମେଶ ପ୍ରଧାନ, ଗଞ୍ଜାମ ଜିଲା ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା, କ୍ରାନ୍ତି ଅନୁଷ୍ଠାନ ନିର୍ଦ୍ଦେଶକ ଦେବାନନ୍ଦ ପଣ୍ଡା, ଡ ଅମୂଲ୍ୟ ତ୍ରିପାଠୀ, ମହୁରୀ କାଲୁଆ କଲେଜ ଅଧକ୍ଷ ଡ ପ୍ରସନ୍ନ ବିଷୋୟୀ, ପ୍ରାକ୍ତନ ସେନା ଅଧିକାରୀ ପଞ୍ଚାନନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଏମକେସିଜି ମେଡିକାଲ ରକ୍ତ ଭଣ୍ଡାର ଡ଼ା. ରଶ୍ମି ପାଣିଗ୍ରାହୀ, ସୁଶାନ୍ତ ପାଣିଗ୍ରାହୀ, ଅନୁରାଧା ମାଝୀ, ଅଜିତ୍ ପାତ୍ର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

# ୨୯ ରେ ଆଷାଢ ପୂର୍ଣ୍ଣିମା କଣ୍ଢେଇ ଯାତ୍ରା

## ସାଂସ୍କୃତିକ କାଯ୍ୟକ୍ରମ ସହ ସାହିତ୍ୟ ଆସର ନେଇ ପ୍ରସ୍ତୁତି ବୈଠକରେ ଆଲୋଚନା



**ବ୍ରହ୍ମପୁର :** ବ୍ରହ୍ମପୁର ଖାସ୍ପା ସାହିରେ ବହୁ ପୁରାତନ କଣ୍ଢେଇ ଯାତ୍ରା ଦୀର୍ଘ ୨୫୦ବର୍ଷ ହେଲା ହୋଇ ଆସୁଅଛି । ଚଳିତ ବର୍ଷ ୨୯ ଜୁଲାଇ ହେବାକୁ ଥିବା କଣ୍ଢେଇ ଯାତ୍ରା ନିମନ୍ତେ ଖାସ୍ପା ସାହି ସାନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଆମ୍ ସଂସ୍କୃତି ଆମ ପରମ୍ପରା ତରଫରୁ ଅନୁଷ୍ଠିତ ହୋଇଥିଲା । ଏହି ବୈଠରେ ସଭାପତି ସୂର୍ଯ୍ୟ ନାରାୟଣ ଦାସଙ୍କ ଦ୍ୱାରା ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସାଧାରଣ ସମ୍ପାଦକ ଗୋପାଳ ପଟ୍ଟନାୟକ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦକ ସୁଦୀପ କୁମାର୍ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଉକ୍ତ ବୈଠକରେ ସାହିତ୍ୟ ଆସର , ସ୍ମରଣିକା ଉନ୍ମୋଚନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଥିଲା । ସାହିତ୍ୟ ଆସର ନିମନ୍ତେ ଯୁବ କବି ସୁନୀଲ କୁମାର ପ୍ରଧାନଙ୍କୁ ଦାୟିତ୍ୱ ଦେଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପାଳନ କରାଯିବା ନେଇ ସଭାରେ ଆଲୋଚନା ହୋଇଥିଲା । ଏଥିରେ ମାନସ ରଞ୍ଜନ ପାଢ଼ୀ , ପତିତ ପାବନ ଗନ୍ତାୟତ, ଉମା ଶଙ୍କର ପାତ୍ର, ହେମନ୍ତ କୁମାର ପାତ୍ର, ବିଚିତ୍ର ସାହୁ, ସୁରେଶ କୁମାର ବେହେରା, ସୁକାନ୍ତ କୁମାର ପଣ୍ଡା, ସୁନିର ବିଶ୍ୱାସ, ବଦ୍ରିନାଥ ସାବତ , ସୁରେନ୍ଦ୍ର କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ପରିଷଦ ବୈଠକ

## ୬ ରୁ ୧୫ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ପାଇଁ ନିଷ୍ପତ୍ତି

**ବ୍ରହ୍ମପୁର :** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ର ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ ଆଜି ବ୍ରହ୍ମପୁର ସ୍ଥିତ ପାର୍କ ସାହି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଅଗଷ୍ଟ ମାସ ୬ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସମଗ୍ର ଗଞ୍ଜାମ ଜିଲ୍ଲାରେ ବ୍ୟାପକ ଜନସମ୍ପର୍କ ପଦଯାତ୍ରା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ସମୟରେ ପାର୍ଟ ସାଥି ମାନେ ବିଭିନ୍ନ ଅଞ୍ଚଳରେ ପଦଯାତ୍ରା ଆୟୋଜନ କରି ବିଜେପି ଓ ଆର ଏସ ଏସ ଶାସନ କାଳରେ ଦରଦାମ୍ ବୃଦ୍ଧି , ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ , କର୍ମ ନିଯୁକ୍ତି ହ୍ରାସ।, ପ୍ରାକୃତିକ ସମ୍ପଦ ର ଲୁଟ୍ ପରିବେଶ ଧ୍ୱଂସ , ଶ୍ରମିକ ଛଟେଇ, କୃଷକ ଶୋଷଣ, ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି, ସାମାଜିକ ସୁରକ୍ଷା ଭତ୍ତା, ମନରେଗା ଯୋଜନାର ପୁନଃ ପ୍ରଚଳନ, ସମ୍ବିଧାନ ସୁରକ୍ଷା , ଭୂମିହୀନ ଙ୍କୁ ପଟ୍ଟା ଏବଂ ଇଭିଏମ୍ ବଦଳରେ ବେଲେଟ ପେପର ରେ ନିର୍ବାଚନ କରିବା ସମ୍ପର୍କରେ ଘର ବୁଲି ସଚେତନତା ସୃଷ୍ଟି କରିବେ । ଏଥି ସହିତ ସେପଟ୍ଟେମ୍ବର ୧ ତାରିଖ ଦିନ ନୂଆଦିଲ୍ଲୀ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ହେବାକୁ ଥିବା ସର୍ବ ଭାରତୀୟ ପରିବର୍ତ୍ତନ ମହାସମାବେଶ ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବେ । ସାଥି ସତ୍ୟ ନାରାୟଣ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ ବୈଠକ ର ଉଦ୍ଦେଶ୍ୟ ଓ କାମ ଦାମ ର ବିବରଣୀ ଉପସ୍ଥାପନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥି ପ୍ରକାଶ ପାତ୍ର , ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ସେଠୀ , ନିଳକଣ୍ଠ ଦାସ , ପ୍ରବୀଣ ଦାସ , କାମଦେବ ନାହାକ, ସିମାଞ୍ଚଳ ବେହେରା , ରାଜେନ୍ଦ୍ର ଦାସ , ବିଦେଶୀ ନାହାକ, ଗୋପାଳ କୃଷ୍ଣ ଭୂୟାଁ , ବୃନ୍ଦାବନ ପଣ୍ଡା, ପଞ୍ଚାନନ ସ୍ୱାଇଁ , ଭାନୁମତୀ ରେଡ଼ି, ଆଦି ନାରାୟଣ ରେଡ୍ଡୀ, ଜନାର୍ଦ୍ଦନ ରେଡି , ପ୍ରଫୁଲ୍ଲ କୁମାର ଜେନା, ମହମ୍ମଦ ଅସମ୍ମାନ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।




# ସଂସ୍କୃତିର ସ୍ୱରକୁ ଆହୁରି ସଶକ୍ତ କଲା ଗୋପୀନାଥ ଟ୍ରଷ୍ଟର ପ୍ରଥମ ଜନ୍ମବାର୍ଷିକୀ

**ଫୁଲନଖରା :** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସହଯୋଗରେ କଟକ ଜିଲ୍ଲାର ଖଲର୍ଦ୍ଦା ଗ୍ରାମସ୍ଥିତ ଗୋପୀନାଥ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଟ୍ରଷ୍ଟର ପ୍ରଥମ ଜନ୍ମବାର୍ଷିକୀ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ପ୍ରସାର ଏବଂ ସମାଜ ଗଠନରେ ସାମାଜିକ ଅନୁଷ୍ଠାନଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ସୁବାଶିଷ ଶତପଥୀ ମୁଖ୍ୟ ଅତିଥି, ଭଏସ୍ ଅଫ୍ ମିଡିଆର ଜିଲ୍ଲା ସଭାପତି ଅନିଲ ଦାସ ମୁଖ୍ୟ ବକ୍ତା ଏବଂ ଖାଉଟି ସମବାୟ ସୁରକ୍ଷା ସଂଘର ନିର୍ଦ୍ଦେଶକ ବାବାଜୀ ଚରଣ ଭୋଇ, ଦିଲ୍ଲୀପ ବେହେରା, ପଶୁପ୍ରେମୀ ନାରାୟଣ ଭୋଇ ଓ ସୁବୋଧ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସୁମଧୁର ସ୍ୱାଗତ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଭାରେ ଅନୁଷ୍ଠାନର ସଭାପତି ସଦାନନ୍ଦ ଓଝା ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା ରମାମଣି ଓଝା ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଉତ୍ସବରେ ଯୁବ ସାମ୍ବାଦିକ ଚନ୍ଦନ ମହାନ୍ତିଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସହୀଦ ସୁଶାନ୍ତ କୁମାର ଗୌଡ଼ଙ୍କ ଜନ୍ମଜୟନ୍ତୀ ପାଳନ

**ବ୍ରହ୍ମପୁର :** ସହୀଦ ଶ୍ରୀ ସୁଶାନ୍ତ କୁମାର ଗୌଡ଼ ସ୍ମାରଣୀକ ଚାରିଟେବଲ ଟ୍ରଷ୍ଟ୍ ତରଫରୁ ସହୀଦ ଶ୍ରୀ ସୁଶାନ୍ତ କୁମାର ଗୌଡ଼ଙ୍କ ୪୩ତମ ଜନ୍ମଜୟନ୍ତୀ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରାଯାଇଛି। ବଡ଼ବଜାର ଥାନା ପୋଲିସ କର୍ମଚାରୀ ମାନେ ଏବଂ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ବଡ଼ବଜାର ଥାନା ପରିସରରେ ଥିବା ସହୀଦ ଶ୍ରୀ ସୁଶାନ୍ତ କୁମାର ଗୌଡ଼ଙ୍କ ପ୍ରତିମୂର୍ତ୍ତିରେ ଦୀପ, ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଅମର ବଳିଦାନକୁ ସ୍ମରଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଶ୍ରୀ ଅଶୋକ କୁମାର ଶୁକ୍ଲ ଉପସ୍ଥିତ ରହି ସହୀଦ ଶ୍ରୀ ସୁଶାନ୍ତ କୁମାର ଗୌଡ଼ଙ୍କ ପିତା ଶ୍ରୀ ନିରଞ୍ଜନ ଗୌଡ଼ଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଟ୍ରଷ୍ଟର ସଭାପତି ଶ୍ରୀ ସଞ୍ଜୟ କୁମାର ଦାସ ଓ ଟ୍ରଷ୍ଟର ସଦସ୍ୟମାନେ ଶହୀଦ ଶ୍ରୀ ସୁଶାନ୍ତ କୁମାର ଗୌଡ଼ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମଲ୍ୟ ଅର୍ପଣ କରି ତାଙ୍କର ବୀରତ୍ୱ, ବଳିଦାନ ଓ ଦେଶପ୍ରେମ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେ ରାମ କୁମାର ପାତ୍ର, ରାଜ କିଶୋର ପାତ୍ର, ସଞ୍ଜୀବ ପଟ୍ଟନାୟକ, ଲାବନ୍ୟା ପାତ୍ର, ଗଗନ କୁମାର ପାତ୍ର, କୈଳାଶ ପାଢ଼ୀ,ଜଗନ୍ନାଥ ଜେନା, ଚିତ୍ତରଞ୍ଜନ ସାହୁ, ସୁଶାନ୍ତ ସାହୁ, ବାପି ନାହାକ, ରାକେଶ କୁମାର ସାବତ ମଦନ ସାହୁ, ପିଣ୍ଟୁ ସାହୁ, ପ୍ରମୋଦ ସାହୁ, ତ୍ରିନାଥ ନାୟକ, ଟୁନା ପାତ୍ର, ବୁଢୁ ପାତ୍ର, ଶୁଶାନ୍ତ ରେଡ୍ଡୀ, ଆଲୋକ ସାହୁ ଙ୍କ ସହ ବହୁ ସମାଜସେବୀ ଏବଂ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



### ଝିପିଝିପି ବର୍ଷାକୁ ଖାତିର ନକରି ନାଗାବଳୀ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସୁଅ

# ଭକ୍ତି ଓ ଉତ୍ସାହରେ ସମ୍ପନ୍ନ ହେଲା ରଥଯାତ୍ରା

**ରାୟଗଡା :** ଝିପିଝିପି ବର୍ଷା ସତ୍ତ୍ୱେ ଭକ୍ତଙ୍କ ଆସ୍ଥା ଓ ଉତ୍ସାହରେ ଉଛୁଳି ପଡ଼ିଲା ଜେକେପୁରର ନାଗାବଳୀ ଶ୍ରୀକ୍ଷେତ୍ର। ପବିତ୍ର ରଥଯାତ୍ରା ଅବସରରେ ଜେକେପୁର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ଘଟିଥିଲା। ଭକ୍ତି, ଶ୍ରଦ୍ଧା ଓ ଆଧାତ୍ମିକ ପରିବେଶ ମଧ୍ୟରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଅପରାହ୍ନ ପ୍ରାୟ ୪ଟାରେ ମହାପ୍ରଭୁଙ୍କ ସମସ୍ତ ପାରମ୍ପରିକ ରୀତିନୀତି ସମାପନ ପରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ଓ ଘଣ୍ଟ, ମୃଦଙ୍ଗ, ଝାଞ୍ଜର ନାଦରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ପରେ ଜେକେ ପେପର ମିଲ୍ ର ଉପସଭାପତି (ବାଣିଜ୍ୟ) ଶ୍ରୀ ବିଶ୍ୱଜିତ ଦ୍ୱିବେଦୀ ପବିତ୍ର ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ଏହା ପରେ ହଜାର ହଜାର ଭକ୍ତଙ୍କ ଉତ୍ସାହ ଓ ଜୟଧ୍ୱନି ମଧ୍ୟରେ ରଥ ଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ମହାପ୍ରଭୁଙ୍କ ରଥ ମାଉସୀମା ମନ୍ଦିରରେ ପହଞ୍ଚିଥିଲା। ରଥଖଳାରେ ରଥ ଲାଗିବା ପରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ଦିନସାରା ବର୍ଷା ହେଉଥିଲେ ମଧ୍ୟ ଭକ୍ତଙ୍କ ଉତ୍ସାହରେ କୌଣସି ଭଟ୍ଟା ପଡ଼ିନଥିଲା। ଏହି ପବିତ୍ର ଉତ୍ସବରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଲାଲ୍ ବିହାରୀ ହିମିରିକା, ଜେକେ ପେପର ମିଲ୍ସର ମହାପ୍ରବନ୍ଧକ ଶ୍ରୀ ସନ୍ଦୀପ ପାଣ୍ଡେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟମାନେ ରଥଯାତ୍ରାର ସୁପରିଚାଳନାରେ ସକ୍ରିୟ ଭୂମିକା ନିଭାଇଥିଲେ। ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଚାନ୍ଦିଲି ଥାନା ପୋଲିସ, ଆଇଆଇସି ଚାନ୍ଦିଲିଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ, ଜେକେ ପେପର ମିଲ୍ସ ସୁରକ୍ଷା ବିଭାଗ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିଲେ।



# ବନ୍ଦ କବାଟ

## ଘନଶ୍ୟାମ ପଲେଇ



ଭୁବନେଶ୍ୱରର ସେହି ପୁରୁଣା ଗେଷ୍ଟ ହାଉସ୍‌ଟିକୁ ଦେଖି ମୋତେ ନିଜକୁ ନିଜେ ବିଶ୍ୱାସ ହେଉନଥିଲା। ସମୟ ମଣିଷକୁ ଯେପରି ବଦଳାଇଦିଏ, ସ୍ଥାନମାନଙ୍କୁ ମଧ୍ୟ ସେପରି ନୂଆ ଚେହେରା ଦେଇଥାଏ। ଏହାର ଜୀବନ୍ତ ଦୃଶ୍ୟ ମୋ ଆଖିଆଗରେ ଥିଲା। ପ୍ରାୟ ପଚିଶ ବର୍ଷ ପୂର୍ବେ ଯେତେବେଳେ ମୁଁ ଏଠାରେ ରହୁଥିଲି, ସେତେବେଳେ ଏହା ଥିଲା ସାଧାରଣ ଲଜ୍‌ଟିଏ... ସିମେଣ୍ଟ ମାଟି, ପୁରୁଣା ପଙ୍ଖା, ଦେଓଳରୁ ଖସୁଥିବା ଚୁନ ଭଳି ରଙ୍ଗଛଡା କାନ୍ଥ।

ଆଜି ସବୁ ବଦଳିଯାଇଛି। ଚାରିଆଡେ ମାର୍ବଲ ଟାଇଲ୍‌ରେ ଚକମକ୍ କରୁଛି ଘର ବାରଣ୍ଡା। ପ୍ରତ୍ୟେକ ରୁମ୍ ଏସି। ରିସେପସନ୍‌ରେ ସୁଗନ୍ଧିତ ଏୟାର୍ ଫ୍ରେସନର୍‌ର ବାସ୍ନା। ଝିଅମାନେ ସ୍ମାର୍ଟ ୟୁନିଫର୍ମ ପିନ୍ଧି ହସିହସି ଅତିଥିଙ୍କ ସେବା କରୁଛନ୍ତି। ପୁରୁଣା ସ୍ମୃତିର ସେହି ଲଜ୍‌ଟି ଏକ ଆତ୍ୟାଧୁନିକ ହୋଟେଲ୍‌ରେ ପରିଣତ ହୋଇଯାଇଛି।

କିନ୍ତୁ ମୋ ମନରେ ସେହି ପୁରୁଣା ଦିନଗୁଡ଼ିକ ଏବେ ମଧ୍ୟ ଧୂସର ଚିତ୍ରଭଳି ବଞ୍ଚିଥିଲା। ରୁମ୍‌କୁ ଯାଇ ବସିଥିଲି। ବାହାରେ ଝିପ୍ ଝିପ୍ ବର୍ଷା ପଡୁଥିଲା। ହଠାତ୍ କଲିଙ୍ଗବେଲ୍ ବାଜିଲା। ଦରଜା ଖୋଲି ଦେଖିଲି- ଧଳା କେଶ, ଭାଙ୍ଗ ପଡି ଯାଇଥିବା ଲୋଚାକୋଚା ଶରୀର, ହାତରେ ପାଣି ଜଗ୍‌ଟେ ଧରିଥିଲେ ଜଣେ ବୁଢା ଲୋକ।

- "ବାବୁ ପାଣି ଦରକାର କି ?"

ମୁଁ ଅବାକ୍ ହୋଇଗଲି। ରୁମ୍‌ରେ ଆଗରୁ ମିନେରାଲ୍ ୱାଟର୍, ବୋତଲ, ଫ୍ରିଜ୍, ସବୁ ବ୍ୟବସ୍ଥା ଥିଲା। ତେଣୁ ହସିକି କହିଦେଲି - "ନାହିଁ, କିଛି ଦରକାର ନାହିଁ।" ବୁଢା ମୁଣ୍ଡ ନୁଆଁଇ ଧୀରେ ଚାଲିଗଲା।

କିଛି ସମୟ ପରେ ପୁଣି କଲିଙ୍ଗ ବେଲ୍ ବାଜିଲା। ଦରଜା ଖୋଲି ଦେଖିଲି ସେହି ବୁଢା। - "ବାବୁ ଆଉ କିଛି ଦରକାର କି ?" ଏଥର ମୋ ମନରେ ସନ୍ଦେହ ହେଲା। - "ଏତେଥର କାହିଁକି ଆସୁଛି ? କିଛି ଖରାପ ଉଦ୍ଦେଶ୍ୟ ନାହିଁ ତ ?"

ମୁଁ ଅଳ୍ପ କଠୋର ସ୍ୱରରେ କହିଲି - "ଦେଖନ୍ତୁ, ମୋର କିଛି ଦରକାର ନାହିଁ... ବାରମ୍ବାର ଆସନ୍ତୁ ନାହିଁ।" ଯାହା ଦରକାର ଫୋନ୍‌ରେ ରିସେପସନକୁ ଜଣେଇ ଦେବି।

ବୁଢାଟି ମୁହୂର୍ତ୍ତେ ଚୁପ୍ ହୋଇଗଲା। ତାଙ୍କ ଆଖିରେ ଅଜଣା କଷ୍ଟର ଛାୟା ଭାସିଉଠିଲା। ସେ ଧୀରେ କହିଲେ - "କ୍ଷମା କରିବେ ବାବୁ" ତା'ପରେ ଚାଲିଗଲେ। ରାତିରେ ଖାଇବାକୁ ତଳକୁ ଯାଇଥିବା ବେଳେ ମ୍ୟାନେଜର୍‌ଙ୍କୁ ପଚାରିଲି - "ସେହି ବୁଢା ଲୋକଟାକୁ ଏଠି କାହିଁକି ରଖିଛନ୍ତି ? କାମ କରିପାରୁନାହିଁ, ତଥାପି ଅତିଥିଙ୍କୁ ବିରକ୍ତ କରୁଛି।"

ମ୍ୟାନେଜର୍ କିଛିକ୍ଷଣ ଚୁପ୍ ରହିଲେ। ପରେ ଗଭୀର ନିଶ୍ୱାସ ଛାଡ଼ି କହିଲେ- "ସାର୍, ସେ ହିଁ ଏହି ହୋଟେଲ୍‌ର ମାଲିକ।"

ମୁଁ ଚମକି ଉଠିଲି। ମ୍ୟାନେଜର୍ ଧୀରେଧୀରେ କହିବାକୁ ଲାଗିଲେ - "ପ୍ରାୟ ପଚିଶ ବର୍ଷ ପୂର୍ବେ ଏଠି ଗୋଟିଏ ଦୁର୍ଘଟଣା ଘଟିଥିଲା। ରାତିରେ ଜଣେ ଅତିଥି ହୃଦ୍‌ରୋଗରେ ଛଟପଟ ହେଉଥିଲେ। ଉପର ମହଲାର କୋଠାରୁ ସେ କବାଟ ବାଡ଼ାଉଥିଲେ ସାହାଯ୍ୟ ପାଇଁ ଡାକୁଥିଲେ। କିନ୍ତୁ ସମସ୍ତେ ଭାବିଥିଲେ - କେହି ବିରକ୍ତ କରୁଛି। କେହି ଦରଜା ଖୋଲିନଥିଲେ। ସେତେବେଳେ ଫୋନ୍‌ର ବ୍ୟବସ୍ଥା ମଧ୍ୟ ନଥିଲା। ଠିକ୍ ସମୟରେ ସହାୟତା ନମିଳିବାରୁ ସେ ଲୋକଟି ମରିଗଲେ।"

ମୋ ଛାତି ଭିତରେ କିଛି ଧକ୍ କରିଉଠିଲା। ମ୍ୟାନେଜର୍‌ଙ୍କ ସ୍ୱର ଆଉ ଟିକିଏ ନରମିଗଲା - "ସେହି ଅତିଥି ଆଉ କେହି ନୁହେଁ ସାର୍ ତାଙ୍କ ଏକମାତ୍ର ପୁଅ ଥିଲେ। ସେ ଦିଲ୍ଲୀ ଯାଇଥିଲେ ଚାକିରିର ଇଣ୍ଟରଭ୍ୟୁ ପାଇଁ। ଫେରିବା ବେଳେ ରାତି ବହୁତ ହୋଇଯାଇଥିଲା। ଘରକୁ ନଯାଇ ଏଇଠି ଉପର ଫ୍ଲୋରରେ ରହିଥିଲେ। ଆଉ ସେହି ରାତିରେ ହିଁ ଏପରି ଘଟଣାଟେ ଘଟିଗଲା।"

ସେ ଟିକେ ରହି ଯାଇ ପୁଣି କହିଲେ- "ସେଦିନଠାରୁ ସେ ପ୍ରତ୍ୟେକ ରୁମ୍‌କୁ ଯାଇ ପଚାରି ବୁଝନ୍ତି - 'କିଛି ଦରକାର କି'? ତାଙ୍କ ଭୟ 'ମୋ ପୁଅ ସହାୟତା ପାଇଁ ଡାକୁଥିଲା କେହି ସିନା କବାଟ ଖୋଲିଲେ ନାହିଁ। ହେଲେ ଆଉ କାହା ସହ ଏଭଳି ନଘଟୁ।' ଖାସ୍‌କରି ତାଙ୍କ ପୁଅ ବୟସର କାହାକୁ ଦେଖିଲେ ସେ ଟିକେ ବେଶି ଭାବବିହ୍ୱଳ ହୋଇଯାନ୍ତି। ବାରମ୍ବାର ଯାଇ ଖବର ବୁଝନ୍ତି। ସାର୍, ଆପଣ ଚିନ୍ତା କରନ୍ତୁ ନାହିଁ ସେ ଦିନକୁ ମାତ୍ର ଦୁଇ-ତିନି ଘଣ୍ଟା ହିଁ ଏଠି ରୁହନ୍ତି। ତାଙ୍କ ମନ ବୁଝିଯାଏ ସମସ୍ତେ ଠିକ୍? ଅଛନ୍ତି ବୋଲି ତା'ପରେ ଆମେ ତାଙ୍କୁ ଘରେ ଛାଡ଼ି ଦେଇ ଆସୁ।"

ତାଙ୍କ କଥା ଶୁଣି ମୋ ଶରୀର କମ୍ପିଉଠିଲା। ହଠାତ୍? ମୋର ମନେପଡ଼ିଗଲା- ପଚିଶ ବର୍ଷ ପୂର୍ବେ ମୁଁ ମଧ୍ୟ ଏଠି ରହୁଥିଲି। ଗୋଟିଏ ରାତିରେ ପାଖ ରୁମ୍‌ରୁ କେହି ଦରଜା ପିଟୁଥିଲେ। ମୁଁ ବିରକ୍ତ ହୋଇ ତକିଆ କାନରେ ଚାପି ଶୋଇପଡ଼ିଥିଲି ସକାଳୁ ଭୋର ଭୋର ଟ୍ରେନ୍ ଥିଲା ଲଜ୍? ଛାଡି ଚାଲି ଆସିଥିଲି। ତେବେ କଣ ସେହି ରାତି ସେହି ଲୋକଟି!

ମୋ ଛାତି ଭିତରେ ଅପରାଧବୋଧର ଏକ ଭାରୀ ପାହାଡ଼ ଚାପି ବସିଲା। ପରଦିନ ପୁଣି ଥର ସେଇ ବୁଢା ଲୋକ ସହ ଦେଖା ହେଲା। ମୁଁ କମ୍ପିଲା ସ୍ୱରରେ କହିଲି - "ଦୋଷ କେବଳ ଅନ୍ୟମାନଙ୍କର ନଥିଲା ସେହି ରାତିରେ ମୁଁ ମଧ୍ୟ ଦରଜା ଖୋଲିନଥିଲି"

ବୃଦ୍ଧଟି ମୋ ମୁହଁକୁ କିଛିକ୍ଷଣ ଚାହିଁ ରହିଲେ। ପରେ ତାଙ୍କ ମୁହଁରେ ଏକ ନିର୍ଜୀବ ହସ ଫୁଟିଉଠିଲା। ସେ ଧୀରେ କହିଲେ - "ଭୁଲ କଣ ବାବୁ! ଆଜିକାଲି ଲୋକେ କବାଟ ତ କବାଟ ମନ ମଧ୍ୟ ଖୋଲିବାକୁ ଚାହାଁନ୍ତି ନାହିଁ।"

ସେହି କଥାଟା ତୀରଭଳି ଆସି ମୋ ହୃଦୟରେ ବାଜିଲା। ବାହାରେ ସେତେବେଳେ ପୁଣି ବର୍ଷା ଆରମ୍ଭ ହୋଇ ଯାଇଥିଲା ଆଉ ମୋ ଭିତରେ ତା'ଠାରୁ ବେଶି ଅନୁତାପର କୋହ ଝରୁଥିଲା।

ଆମୁଣି, ହାଣ୍ଡିଭଙ୍ଗା, କେନ୍ଦୁଝର-୩୧
ମୋ : ୯୪୩୭୭୧୮୫୦୦

## ନାରୀଟିଏ



### ସୁଧୀର ମେହେର

ନାରୀଟିଏ
ନିତି ବଡି ଭୋର୍‌ରୁ ଉଠି
ସକଳ ନିତ୍ୟକର୍ମ ସାରି
ଚଉରାରେ ଦୀପ ଜାଳେ,
ମୁଣ୍ଡ ଉପରେ ଛାଇ ରହିଥିବା
କଳାମେଘକୁ ହଟେଇ ଦେବା ପାଇଁ
ଦିଅଁଙ୍କୁ କାକୁତି ମିନତି କରେ,
ଆମ ସଭିଙ୍କ ପାଇଁ ମଙ୍ଗଳ ମନାସେ।

ଛୁଆକୁ ରେଡି କରେ
ତା' ସ୍କୁଲ୍ ବ୍ୟାଗ୍ ସଜାଡ଼େ
ଭ୍ୟାନ୍‌ରେ ବସେଇ ଦିଏ
ପୁଣି ମରଦକୁ ଆସି ତାଗିଦ୍ କରେ
- ଅଫିସ୍ ଯିବନି କି ?

ବାପ ପୁଅ ଗଲା ପରେ
ଅସନା ହୋଇ ପଡିଥିବା
ଲୁଗାପଟା ସଫା କରେ, ଶୁଖାଏ,
ଚଉତି ପୁଣି ଯଥା ସ୍ଥାନରେ
ସଜେଇ ରଖିଦିଏ ।

ଏଥର ପଶେ - ହାଣ୍ଡିଶାଳକୁ,
ସଭିଙ୍କ ପସନ୍ଦ ନାପସନ୍ଦ ବୁଝି
ମନଲାଖି ବ୍ୟଞ୍ଜନ ତିଆରି
ଫେରିବା ବାଟକୁ ଅନାଏ,
ୟା' ଭିତରେ ବି ଭୁଲି ଯାଏନି କେବେ
ଫୁଲ ଗଛରେ ପାଣି ଦେବାରେ,
କହେ-ଘରଟିଏରେ
ଗଛପତ୍ର ଥୋଡେ ନଥିଲେ
ସେ ପୁଣି କି ଘର ଯେ!

କେବେ କେମିତି କ୍ଲାନ୍ତିରେ
ଘଡିଏ ଗଡିଗଲେ ବି
ଆଖିରେ ତା'ର ନିଦ ନଥାଏ,
ବାମ ହାତରେ ଅଣ୍ଟାଳି ଦେଖେ -
ଛୁଆଟା କୁଆଡେ ଚାଲି ଯାଇନି ତ
ଏ ତହ ତହ ଖରାରେ!

ଅଥଚ
ଆମେ କେବେ ଥରୁଟିଏ
ଚିନ୍ତା କରିଚୁ କି
ନାରୀଟିଏ
ନିଜ ପାଇଁ ବଞ୍ଚେ କେତେବେଳେ?

ଚିଟୈଗୁଡା, ଜୁନାଗଡ,
କଳାହାଣ୍ଡି, ପିନ୍-୭୬୬୦୧୪
ସଂପର୍କ : ୯୫୮୩୫୮୮୮୭

## ପାନ୍ଥଶାଳା ଏକ ଶୂନ୍ୟ ସଂଳାପ



### ଇଂ. ଅଶୋକ କୁମାର ପଟ୍ଟନାୟକ

ସକାଳୁ ସଞ୍ଜ ଏଇଠି ଜମେ,
ଅଚିହ୍ନା ପଥିକଙ୍କ ଭିଡ଼,
କାହାର ଆଖିରେ
ଆଖିଏ ସ୍ୱପ୍ନର ବୋଝ,
କାହା ପାଦରେ ବନ୍ଧା ପଡ଼ିଥାଏ
କ୍ଲାନ୍ତିର ଶିକୁଳି।

ଏହି ପାନ୍ଥଶାଳା କାହାପାଇଁ ଶେଷ ଆଶ୍ରୟ
କାହାପାଇଁ ଏକ ଅଧାଲେଖା କାହାଣୀ।
ତା ହୃଦୟ କାନ୍ଥରେ,
ଅଙ୍ଗାରରେ ଲେଖା
ଯେତେକ ଅବ୍ୟକ୍ତ ଶବ୍ଦ
କାହାପାଇଁ ଲେଖାହୁଏ
ସେ ବୁଝିବି ଅବୁଝା
ଖାଲି ବାରିହୁଏ ଦୀର୍ଘଶ୍ୱାସର ଶବ୍ଦ
ମିଞ୍ଜି ମିଞ୍ଜି ଆଲୁଅରେ।

ଏଠି କେହି ଗୁମ୍ ସୁମ୍ ବସି
ମନେ ପକାଏ,
ଛାଡ଼ି ଆସିଥିବା ଘର ପରିବାର,
ତା ପ୍ରିୟ ସହର ।
ଆଉକେହି କାନ୍ଥ କୋଣରେ
ଯାକି ଯୁକି ଶୋଇଯାଏ,
କାଲିର ସୂର୍ଯ୍ୟକୁ ଅପେକ୍ଷା କରେ।
ଆଉକିଏ ନିସ୍ତବ୍ଧ ରହି,
ମନ ଅଗଣାରେ ବୁଣିଚାଲେ
ତାର ହଜିଲା ସ୍ମୃତିକୁ।

ଏଠି ସମ୍ପର୍କ ଯୋଡ଼ିହୁଏ
ରାତିକ ପାଇଁ,
କେବଳ ପଥିକ ହୋଇ।
ପୁଣି ସୂର୍ଯ୍ୟ ଉଇଁଲେ
ହୁଗୁଳା ହୁଏ ପାନ୍ଥଶାଳା।
ଭାବାତ୍ମକ ବିରାମ କିଛିକ୍ଷଣର
ଆଉ ଥମିଯାଏ ସମୟ।

ଅନୁଭବିଛି ସେ,
କେହି ନୁହେଁ କାହାର,
ଅସ୍ଥାୟୀ ଠିକଣା,
ସବୁ ଆପଣାର ଘଡିକେ।
ପାନ୍ଥଶାଳା ଏଜୀବନ
ଏକ ଶୂନ୍ୟ ସଂଳାପ।

ଏମ୍ ଆଇ - ୨୬୩,
କଳିଙ୍ଗ ବିହାର, ଛେଣ୍ଡ ଫେଜ୍ -୨
ରାଉରକେଲା - ୭୬୯୦୧୫


## ବହି



**ୱାନ୍‌ଟାଇମ୍ ପାସ୍‌ୱାର୍ଡ଼**
(ଗପ ବହି)
ଗଳ୍ପକାର : ବିମଳଚାନ୍ଦ ପଟ୍ଟନାୟକ
ପ୍ରକାଶକ : ବନଫୁଲ, ଭୁବନେଶ୍ୱର

ନୂଆ ସମ୍ଭାବନାର କଥାକାର ବିମଳ ଚାନ୍ଦ ପଟ୍ଟନାୟକଙ୍କ 'ୱାନ୍‌ଟାଇମ୍ ପାସ୍‌ୱାର୍ଡ଼' ଏଇ ନିକଟରେ ପ୍ରକାଶ ପାଇଛି। ହୃଦୟସ୍ପର୍ଶୀ କାହାଣୀରେ ପାଠକଙ୍କୁ ବାନ୍ଧି ରଖିପାରୁଥିବା ଶ୍ରୀ ପଟ୍ଟନାୟକ କୌଣସି ଏକ କଥାବସ୍ତୁକୁ ଏପରି କାହାଣୀର ରୂପ ଦିଅନ୍ତି ଯେ, ଯେ କେହି ପାଠକ ପଢ଼ିବା ଆରମ୍ଭ କଲେ ନସାରିବା ଯାଏ, ତୁନି ହୋଇ ରହି ପାରନ୍ତି ନାହିଁ। ଅନ୍ୟକାହାଣୀକାଙ୍କ ଭଳି ତାଙ୍କ କାହାଣୀ ଦୀର୍ଘ ନୁହେଁ ବରଂ କେଇମିନିଟ୍‌ରେ ସାରିଦେବା ଭଳି। ୨୦୦ ପୃଷ୍ଠା ବିଶିଷ୍ଟ ୨୯ଟି ମନୋଜ୍ଞ କାହାଣୀ ଥିବା ଏହି ପୁସ୍ତକର ମୂଲ୍ୟ ୧୯୫ ଟଙ୍କା ରହିଛି।

## ଭାବ



### ଦୀପାଳି ଦାସ

ତୁ କେତେ ଧନ ରଖିପାରୁଛୁ ରଖ
କେତେ ଜମା କରି ପାରୁଛୁ କର
ଲମ୍ବା ଗାଡ଼ି, ସୁନା ଗହଣା, ପୁଣି
ମନ୍ନତ,ଆଣ୍ଟିଲିଆ ପରି କରିନେ ଘର...
କରିଦେ ତୋ ଜୀବନ ସାର୍ଥକ,
ତୋତେ ଯାହା ଭଲ ଲାଗୁଛି ତୁ କର..

ମୋତେ କିନ୍ତୁ ଟିକେ ଛାଡ଼ିଦେ ବାଟ
ମନ ଲାଗି ମନଟିଏ ଖୋଜିବାକୁ ଦେ ମୋତେ...
ବୁଝିବାକୁ କାହିଁକି ଯେ ବିତି ପାରେନି
ବିନା ପ୍ରଳାପରେ ଗୋଟିଏ ବି ଦିନ...
କଣ ଯେ ଅସଜଡ଼ା ହଉଛି ଆମର
କାହିଁକି ଯେ ଶାନ୍ତି ଛାଡ଼ି ଦେଉଛି କର..

ଲାଗୁଥିବ ନା ତୋତେ ଘର,ଗାଡ଼ି,
ଚାକର, ବାକର ଅଛନ୍ତି ତ ସବୁ...!
ପୁଣି ଅଭାବ ରହି ଯାଉଛି କାହାର..?

ପାରିବୁ ଯଦି ଦେଇଦେ ମୋତେ
ଗୋଟେ ଖୋଲା ମନର ବ୍ୟାସାର୍ଦ୍ଧ,
ଯାହାକୁ ନେଇ କରିପାରିବି ମୋର ଇଗ୍ଲୁ,
ବାକି ଜୀବନ ମୋର କାଟି ପାରିବି
ହିମ, ଅନ୍ଧାର ହଉ ପଛେ ବିନା ଦ୍ୱିଧାରେ..

ଏମିତିରେ ତ ବିତେଇ ଦେଲିଣି ମୋର
ଅର୍ଦ୍ଧେକ ଜୀବନ ଟାଇଁ ଟାଇଁ ଖରାରେ...
ଏବେ ଲଡୁଛି କୋଉ ଗଛର ଛାଇ ,
ଥଣ୍ଡା ପବନ, ସ୍ନେହରେ ମୋ ଠେଇଁ

ବୁଲେଇ ଦେଉଥିବା ହାତ ...
ଭାବନାକୁ ମୋର ରଙ୍ଗ ଦେଇ
ପାରୁଥିବା ପ୍ରାଣ...
ଯେମିତି ଖରାକୁ ଠେଲିଦେଇ ମୋତେ
ନିଜେ ବିଶ୍ରାମ ନେଇ ନଯାଉ ଦେଖି ଛାତ...

ତୁ ପାରୁଛୁ ଯଦି ଟାଣିନେ ତୋର
ସଫଳତାର ନନ୍ଦିଘୋଷ ବଡ଼ଦାଣ୍ଡରେ..
ମୁଣ୍ଡିଆ ମାରୁଥିବେ ତୋତେ ଅସଂଖ୍ୟ ଲୋକ
ଯେତେବେଳେ ପହଁଚିବୁ ବଳଗଣ୍ଡ ଦାଣ୍ଡରେ
ଜାଣିବୁ ଭାବ କେମିତି ଅଟକେଇ ଦିଏ
ଆଠଶହବତିଶ କାଠ, ଷୋହଳ ଚକ
ଆଉ ସହସ୍ର ସହସ୍ର ଲୋକଙ୍କ ସାଧକୁ
କାହିଁ କୋଉଠି ନଦେଇ କି ହାତ...



ମୁଁ ଏଠି ପାତି ଦେଉଛି ମୋ କାନି
ସେହି ଭାବଗ୍ରାହୀଙ୍କ ଆଗରେ
କେହି ଜଣେ ଓଟାରି ହୋଇ ଆସିବ
ଭିଡ଼ ଭିତରୁ ଦେବାକୁ ମୋତେ,
ମୋର ଭାବର ଭାବ।

ନାଭି ମୁମ୍ବାଇ, ମହରାଷ୍ଟ୍ର

# ଗୋଚରଜମି ଜବରଦଖଲକୁ ନେଇ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ



**ଆଠମଲ୍ଲିକ :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନୂଆମାଣତ୍ରୀ ଗ୍ରାମ ରେ ଥିବା ନୟାବାଦୀ ତଥା ଗୋଚର ଜମିକୁ ଜବର ଦଖଲ ମୁକ୍ତ କରିବା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଓ ତହସିଲଦାର ପ୍ରସନ୍ନ ଟେଟେ ଙ୍କୁ ଦାବିପତ୍ର ଦେଇଥିବା ଜଣା ପଡ଼ିଛି । ଦାବିପତ୍ର ରେ ଲିଖିତ ଦାବୀ ଅନୁଯାଇ ଗ୍ରାମରେ ଥିବା ଗୋଚର ଜମି କୁ ଗ୍ରାମ ର କିଛି ବ୍ୟକ୍ତି ଜବର ଦଖଲ କରିଥିବାରୁ ଗ୍ରାମ ର ଗୃହ ପାଳିତ ପଶୁ ଚରିବାକୁ ଅସୁବିଧା ଭୋଗ କରୁଛନ୍ତି। ଯା ଫଳ ରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀ ଙ୍କ ତରଫରୁ ଜବର ଦଖଲ ମୁକ୍ତ କରିବା ପାଇଁ ଜବର ଦଖଲକାରି ଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରିଲା ନାହିଁ । ଯା ଫଳ ରେ ଗ୍ରାମ ସଭାପତି ଧନଞ୍ଜୟ ପ୍ରଧାନ, ସମ୍ପାଦକ ଶଶୀ ଭୂଷଣ ପ୍ରଧାନ, ଗ୍ରାମବାସୀ ସୁଜିତ ସାହୁ, ନବୀନ ପ୍ରଧାନ, ସୁମନ୍ତ ପ୍ରଧାନ, ଅଜିତ ପ୍ରଧାନ ଙ୍କ ସମେତ ଗ୍ରାମ ର ବହୁ ବାସିନ୍ଦା ଆସି ଦାବିପତ୍ର ଦେଇଥିଲେ ଲ ପ୍ରଶାସନ ତରଫରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ଗୋଚର ଜମି କୁ ଗ୍ରାମର ଗାଈ ଚାରିବା ପାଇଁ ଜବରଦଖଲ ମୁକ୍ତ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ଙ୍କ ତରଫରୁ ଅନଶନ ରେ ବସିବାକୁ ଜଣାଇ ଦିଆଯାଇଛି।

# ଛାତ୍ରୀ, ମହିଳା ଓ ଶିଶୁମାନଙ୍କ ଉପରେ ବଢୁଥିବା ନିର୍ଯ୍ୟାତନା ବିରୋଧରେ କନ୍‌ଭେନସନ୍

**ବ୍ରହ୍ମପୁର :** ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଛାତ୍ରୀ, ମହିଳା ଓ ଶିଶୁମାନଙ୍କ ଉପରେ ବଢୁଥିବା ଯୌନ ନିର୍ଯ୍ୟାତନା ଓ ଉତ୍ପୀଡ଼ନ ବିରୋଧରେ ଏକ କନଭେନସନ ଆଜି ଉତ୍କଳ ଆଶ୍ରମ ଠାରେ ଆୟୋଜିତ ହୋଇଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ, ସର୍ବତ୍ର ଛାତ୍ରୀମାନଙ୍କ ଉପରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ସଂପ୍ରତି ଓଡ଼ିଶାରେ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ଏବଂ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଠାରେ ଭିଡ଼ ହିଂସା ମାଧ୍ୟମରେ ଅତ୍ୟନ୍ତ ବେଦନାଦାୟକ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ, ଯେଉଁଠାରେ ପ୍ରଶାସନ ଏବଂ ସରକାର ଦୋଷୀକୁ କଠୋର ଦଣ୍ଡ ଦେଇ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବାପାଇଁ ତତ୍ପରତା ପ୍ରଦର୍ଶନ କରିଥିଲେ। ନର୍ସରୀରେ ପଢୁଥିବା ଛାତ୍ରୀ ଏପରିକି ଜଣେ ୮ ମାସର ଶିଶୁ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ପାଉନାହାନ୍ତି। ମହିଳା ଏବଂ ଛାତ୍ରୀମାନେ ପ୍ରତିଦିନ ଏଭଳି ଘଟଣାର ଶିକାର ହେଉଛନ୍ତି। କିନ୍ତୁ ଅନେକ କ୍ଷେତ୍ରରେ ଏହା ବିରୁଦ୍ଧରେ ଉଠୁଥିବା ସ୍ୱର ଏବଂ ଘଟଣାକୁ ଦବେଇ ଦିଆଯାଉଥିବା ବେଳେ କିଛି କ୍ଷେତ୍ରରେ ନିଜେ ପୀଡ଼ିତା, ଦୋଷୀ ତଥା ଅନ୍ୟମାନଙ୍କ ଉତ୍ପୀଡ଼ନର ଶିକାର ହେଉଛନ୍ତି। ଶିଶୁ କିଶୋର ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ




ବାସ୍ତବ ଜୀବନଠାରୁ ଦୂରେଇ ମୋବାଇଲ ମଧ୍ୟରେ ଥିବା ଅବାସ୍ତବ ଜୀବନ, ଯୌନତାରେ ନିମଜ୍ଜିତ। ଏହାର ପରିଣାମରେ ଛାତ୍ର-ଯୁବ ସମାଜର ସାଂସ୍କୃତିକ ମାନ ନିରନ୍ତର, ଦ୍ରୁତ ଅବନତି ଆଡକୁ ଗତି କରୁଛି । ଗୋଟିଏ ପଟେ ଅନେକ ଶିକ୍ଷାନୁଷ୍ଠାନରେ ଯୌନ ଉତ୍ପୀଡନ ସମ୍ବନ୍ଧୀୟ ଅଭିଯୋଗର ତଦନ୍ତ ପାଇଁ ଆବଶ୍ୟକ କମିଟିମାନ, ଯଥା GS-CASH (Gender Sensitisation Committee against Sexual Harassment) ପରି ସ୍ୱାଧୀନ ଓ ଗଣତାନ୍ତ୍ରିକ କମିଟି ଗଠନ କରାଯାଉନାହିଁ କିମ୍ବା ନିଷ୍କ୍ରିୟ ଓ ଅକାର୍ଯ୍ୟକାରୀ ଅବସ୍ଥାରେ ରହିଛି। କିନ୍ତୁ ଏହି କମିଟିଗୁଡ଼ିକୁ ଭାଙ୍ଗି ICC (Internal Complaints Committee) ପରି କମିଟିଗୁଡ଼ିକୁ ପ୍ରତିଷ୍ଠା କରାଯାଉଛି, ଯେଉଁଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ଅକାର୍ଯ୍ୟକାରୀ ପ୍ରମାଣିତ ହେଉଛି। ଅନ୍ୟପଟେ ଛାତ୍ରଛାତ୍ରୀଙ୍କ ପ୍ରତିବାଦ କରିବାର ଗଣତାନ୍ତ୍ରିକ ଅଧିକାର ଛାତ୍ର ସଂସଦ ନିର୍ବାଚନ ମଧ୍ୟ ଦୀର୍ଘ ଧରି ସରକାର ବନ୍ଦ କରିରଖିଛନ୍ତି। ଏହା ସହ ସଂପ୍ରତି ରାଜ୍ୟ ସରକାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଆଦର୍ଶ ଆଚରଣ ବିଧି ଲଗୁକରି ପ୍ରତିବାଦ କରିବା ଏବଂ ଭିନ୍ନ ମତ ପୋଷଣ କରିବାର ସମସ୍ତ ଅଧିକାରକୁ ସଂପୂର୍ଣ୍ଣ ଛଡାଇ ନେଇଛନ୍ତି। ତେଣୁ ଆଜିର କନଭେନସନରୁ ସମଗ୍ର ଜିଲ୍ଲାରେ ସଂଘର୍ଷ କମିଟି ଗଠନ, ସ୍ୱେଚ୍ଛାସେବୀ ସଂଗଠନ ଓ ଜନସଚେତନତା ଅଭିଯାନକୁ ବ୍ୟାପକ କରିବା ସହ ସମସ୍ତଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। କନଭେନସନରେ ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ଯୋଗଦେଇ, ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ କ୍ଷେତ୍ରରେ ମହିଳା, ଛାତ୍ରୀ ଓ ଶିଶୁମାନଙ୍କ ଉପରେ ବଢୁଥିବା ନିର୍ଯ୍ୟାତନା ବିରୁଦ୍ଧରେ ଦୁର୍ବାର ଛାତ୍ର ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ କନଭେନସର ସଭାପତିତ୍ୱ କରିଥିଲେ, ଜିଲ୍ଲା ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀ ଭିତ୍ତି ପତ୍ର ପାଠ କରିଥିଲେ, କୋଷାଧକ୍ଷ କିଶାନ କୁମାର ସାହୁ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ, ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ଉପସଭାପତି ପପୁନ ସାହୁ, ଜିଲ୍ଲା କମିଟି ସଭ୍ୟ କାମରାଜୁ ସାହୁ ସମେତ ଜଗନ୍ନାଥ ବେହେରା ଏବଂ ବହୁ ଛାତ୍ରଛାତ୍ରୀ କନଭେନସନରେ ବକ୍ତବ୍ୟ ରଖିଥିଲେ।

### ବ୍ରହ୍ମନଗର-ଜ୍ୟୋତିନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ

# ପଥପ୍ରାନ୍ତରେ ବୃକ୍ଷରୋପଣ, ପରିବେଶ ସୁରକ୍ଷାର ବାର୍ତ୍ତା





**ବ୍ରହ୍ମପୁର :** ବ୍ରହ୍ମ ନଗର-ଜ୍ୟୋତିନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶନିବାର ସକାଳେ 'ପଥପ୍ରାନ୍ତ ! ବୃକ୍ଷରୋପଣ' ଅଭିଯାନ ଅନ୍ତର୍ଗତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଭାପତି ହୀନ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ବ୍ରହ୍ମପୁରର 'ଗଛ ମଣିଷ' ଭାବେ ପରିଚିତ ତଥା ପୂର୍ବତନ ବିଡିଏ ଅଧକ୍ଷ ସୁବାଷ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ ଏବଂ ଯୁବ ସମାଜସେବୀ ମୁକୁନ୍ଦ ଗୌଡ ମଧ୍ୟ ଉପସ୍ଥିତ ଥିଲେ। ମଞ୍ଚର ଅନୁଭବୀ ସଦସ୍ୟ ତଥା ଅବସରପ୍ରାପ୍ତ ବନ ଅଧିକାରୀ ଇଶ୍ୱର ପ୍ରସାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନରୋତ୍ତମ ଦାସ, ଉମାଶଙ୍କର ପାଣି ଓ ସୁରେନ୍ଦ୍ର ପାଢ଼ୀ, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବୃକ୍ଷରୋପଣ ସମୟରେ ସୁବାଷ ଚନ୍ଦ୍ର ମହାରଣା ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଅଧିକରୁ ଅଧିକ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଭବାନୀ ଶଙ୍କର ମିଶ୍ର, ସୁକାନ୍ତ କୁମାର ପଟ୍ଟନାୟକ, ନିରଞ୍ଜନ ମହାନ୍ତି, ନୀଳମାଧବ ଶର୍ମା, ପ୍ରଫୁଲ୍ଲ କୁମାର ପାଢ଼ୀ, ଶ୍ୟାମ ପ୍ରସାଦ ସାମଲ, ଗୋପାଳ କୃଷ୍ଣ ପାଢ଼ୀ, ନିମାଇ ଚରଣ ଦେବ ଗୋସ୍ୱାମୀ, ଜମ୍ବୁବତୀ ଗୌଡ, ମୀନତି ସାହୁ, ଗୀତା ରାଣୀ ପଟ୍ଟନାୟକ, ସ୍ୱାଧୀନା ପାତ୍ରଙ୍କ ସମେତ ବହୁ ସଦସ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରେ ବରିଷ୍ଠ ନାଗରିକମାନେ ସ୍ୱାଧୀନା ପାତ୍ରଙ୍କ ବାସଭବନକୁ ଯାଇ ସେଠାରେ ଆୟୋଜିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିର ଦର୍ଶନ କରି ପ୍ରଭୁଙ୍କ ଆଶ୍ରିବାଦ ଗ୍ରହଣ କରିଥିଲେ।

# ହବିଗଞ୍ଜ ନୂତନ ରାସ୍ତା ନିର୍ମାଣରେ ବିବାଦ ପ୍ରତିବାଦକଲେ ଗ୍ରାମବାସୀ

**ବସ୍ତା :** ଗଡପଦା ପଞ୍ଚାୟତ ଅନ୍ତର୍ଗତ ହବିଗଞ୍ଜ ଠାରୁ କେନ୍ଦୁଡାଙ୍ଗରି ପର୍ଯ୍ୟନ୍ତ ୩ଶହ କିଲୋ ମିଟର ରାସ୍ତା ୮ ଫୁଟ ଓସାର ର ଥିବା ବେଳେ ଏବେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ପ୍ରସସ୍ଥିକରଣ ହୋଇ ୧୨ ଫୁଟ ୪ଇଞ୍ଚ ରେ କାର୍ଯ୍ୟ ଚାଲିଛି । ଦିର୍ଘଦିନରୁ ଏଇ ରାସ୍ତା ପାଇଁ ଗ୍ରାମବାସୀ ଙ୍କ ବାରମ୍ବାର ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି । କେନ୍ଦୁ ଡାଙ୍ଗିର ଠାରୁ ହବିଗଞ୍ଜ ୩କିଲୋ ମିଟର ପୁଣି ରାସ୍ତାର ଉଭୟ ପାଶ୍ୱରେ ଡ୍ରେନ ପାଇଁ ସରକାରୀ ଯାଗା ରହିଅଛି । ଯାଗା ମାପକରି ସରକାରୀ ଯାଗା ଚିହ୍ନଟ ପରେ ଦୁଇ ପାର୍ଶ୍ୱରେ ଡ୍ରେନ ହେବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି । ତେବେ ରାସ୍ତାର ଦୁଇପାଶ୍ୱରେ ଡ୍ରେନ ହେଲେ ପାଣି ନିସ୍କାସନ ହୋଇ ପାରିବ ବୋଲି ହବିଗଞ୍ଜ ୧୪ନଂ ୱାଡ ସଭ୍ୟ ସୁଦାମ ସାହୁ ଗ୍ରାମବାସୀ ସନାତନ ବାରିକ ସୁକାନ୍ତୀ ଦଳେଇ ଚର୍ତ୍ତୁଭୂଜ ବାରିକ ଆଦିକନ୍ଦ ସାହୁ ଶତୃଘନ ଦଳେଇ ପ୍ରିୟବ୍ରତ ପଣ୍ଡା ହରେକୃର୍ଷ୍ଣ ସାହୁ ସଞ୍ଜୁଦଳେଇ ରଶ୍ମୀ ଦଳେଇ ଶାନ୍ତୀଲତା ମାଝୀ ସମେତ ସମସ୍ତ ୨ଶହରୁ ଉର୍ଦ୍ଧ ଗ୍ରାମବାସୀ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି ।



# ବୈଦେହୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାଯ୍ୟକ୍ରମ

**ବ୍ରହ୍ମପୁର :** ଗୋପାଳକୃଷ୍ଣ ରଙ୍ଗ ମଞ୍ଚ ଗୋଷାଇଁନୁଆଗାଁ ଠାରେ ରଥ ଯାତ୍ରା ଉପଲକ୍ଷେ ବୈଦେହୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଡ଼ା ତିରୁପତି ସାହୁ, ସମାଜସେବୀ ପ୍ରଶାନ୍ତ



ମହାରଣା, ନାଟ୍ୟକାର ଲୋକନାଥ କାନୁନ ଗୋ, ନାଟ୍ୟପ୍ରେମୀ କୈଳାସ ପାଣିଗ୍ରାହୀ,ସାମ୍ବାଦିକ ତଥା କଣ୍ଠ ଶିଳ୍ପୀ ସୁଦୀପ କୁମାର୍ ସାହୁ, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ଏକ କ୍ଷୁଦ୍ର ନାଟକ ' ଚକାଡୋଳା ସବୁ ତୁମରି ଲୀଳା' ମଞ୍ଚସ୍ଥ ହୋଇଥିଲା । ବହୁ ମନ୍ୟଗନ୍ୟ ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଅନୁଷ୍ଠାନ ର ପରିଚାଳିକା ଗୋଧୂଳି ନାୟକ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ଉଦଘୋଷକ ଭାବେ ସୂର୍ଯ୍ୟ ନାରାୟଣ ପାତ୍ର କାର୍ଯ୍ୟ କୁ ଆଗକୁ ନେଇଥିଲେ । ସମସ୍ତ କାର୍ଯ୍ୟ ବୈଦେହି ଅନୁଷ୍ଠାନ ପରିବାର ଦ୍ୱାରା ପଦ୍ମିନୀ ନାୟକ, ସେଫାଳୀ ନାୟକ, ଚାନ୍ଦ ମାମା, ଗଙ୍ଗାଧର ପାଣିଗ୍ରାହୀ, ସରୋଜ ଆଚାର୍ଯ୍ୟ ପ୍ରମୁଖ ସୁଚାରୁ ରୂପେ ସମ୍ପାଦନା କରିଥିଲେ ।

# ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ: ଆତ୍ମହତ୍ୟା ନା ହତ୍ୟା




## ସହକର୍ମୀଙ୍କ ପକ୍ଷରୁ ଏସ୍‌ପିଙ୍କୁ ଭେଟି ନିରପେକ୍ଷ ତଦନ୍ତ ଦାବି

**ବାଲେଶ୍ୱର :** ବାଲେଶ୍ୱରରେ ଯୁବ ଇଞ୍ଜିନିୟର ରଶ୍ମିରଞ୍ଜନ ସେଠୀଙ୍କ ରହସ୍ୟମୟ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ମୃତକଙ୍କ ପରିବାର ପକ୍ଷରୁ ଏହା ଆତ୍ମହତ୍ୟା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ପୋଲିସ କହିଛି, ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି ଏବଂ ତଦନ୍ତ ଶେଷ ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ। ସୂଚନାନୁସାରେ, ଜଗତସିଂହପୁରର ବାସିନ୍ଦା ରଶ୍ମିରଞ୍ଜନ ସେଠୀ କଟକରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ସ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସେ ବାଲେଶ୍ୱର ଆସିଥିଲେ। ସେହି ରାତିରେ ସ୍ତ୍ରୀ ରହୁଥିବା ଭଡାଘରରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପରିବାରର ଅଭିଯୋଗ ଅନୁସାରେ, ଘଟଣା ପୂର୍ବରୁ ରାତି ୧୦ରୁ ୧୧ଟା ମଧ୍ୟରେ ୮ରୁ ୧୦ ଜଣ ବ୍ୟକ୍ତି ଘରକୁ ଆସିଥିଲେ। ପରେ ଅସୁସ୍ଥ ଥିବା କହି ତାଙ୍କୁ ମେଡିକାଲକୁ ନିଆଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ କାନ ପାଖରେ ଥିବା କ୍ଷତଚିହ୍ନକୁ ନେଇ ମଧ୍ୟ ପରିବାର ସନ୍ଦେହ ପ୍ରକାଶ କରିଛି। ଏହାସହ ପରକୀୟା ସମ୍ପର୍କକୁ ନେଇ ମଧ୍ୟ ଗୁରୁତର ଅଭିଯୋଗ ଉଠିଥିବା ବେଳେ, ସେହି ଦିଗରେ ମଧ୍ୟ ପୋଲିସ ତଦନ୍ତ କରିବାକୁ ପରିବାର ଓ ସହକର୍ମୀମାନେ ଦାବି କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ମୃତକଙ୍କ ସହକର୍ମୀମାନେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।ସହଦେବଖୁଣ୍ଟା ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳର ଯାଞ୍ଚ କରିଛନ୍ତି। ସିସିଟିଭି ଫୁଟେଜ୍, ଶବବ୍ୟବଚ୍ଛେଦ ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ତଦନ୍ତ ଜାରି ରହିଛି। ତଦନ୍ତ ଓ ଶବବ୍ୟବଚ୍ଛେଦ ରିପୋର୍ଟ ପ୍ରକାଶ ପାଇବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

### ବିଦ୍ୟାଳୟରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବାଧା

# ହଟ୍ଟଗୋଳ ଓ ଉତ୍ତେଜନା ମଧ୍ୟରେ ସ୍ଥଗିତ ହେଲା ପରିଚାଳନା କମିଟି ଗଠନ

**ଫୁଲନଖରା :** କଟକ ସଦର ଥାନା ଅନ୍ତର୍ଗତ ଶହିଦ ସ୍ମୃତି ନୋଡ଼ାଲ ବିଦ୍ୟାପୀଠର ନୂତନ ପରିଚାଳନା କମିଟି ଗଠନକୁ ନେଇ ଆୟୋଜିତ ବୈଠକରେ ଘଟିଥିବା ଅପ୍ରୀତିକର ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଶିକ୍ଷାନୁଷ୍ଠାନ ପରି ପବିତ୍ର ସ୍ଥାନରେ କିଛି ବ୍ୟକ୍ତିଙ୍କ ଅଶୋଭନୀୟ ଆଚରଣ, ହୋ-ହଲ୍ଲା ଓ ଅସଭ୍ୟ ଭାଷା ପ୍ରୟୋଗକୁ ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକ ଏବଂ ସଚେତନ ନାଗରିକମାନେ ତୀବ୍ର ଭାବେ ନିନ୍ଦା କରିଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୧୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଏହି ବିଦ୍ୟାପୀଠରେ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ନୂତନ ପରିଚାଳନା କମିଟି ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ରାୟଙ୍କ ଅଧକ୍ଷତାରେ ଅଭିଭାବକମାନଙ୍କ ଉପସ୍ଥିତିରେ ଏକ ବୈଠକ ଆୟୋଜିତ ହୋଇଥିଲା। ବୈଠକର ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ସରକାରଙ୍କ ନିୟମାବଳୀ ଓ କମିଟି ଗଠନ ପ୍ରକ୍ରିୟା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।




ପରେ ନିୟମ ଅନୁଯାୟୀ ଉପସ୍ଥିତ ଅଭିଭାବକମାନଙ୍କ ମଧ୍ୟରୁ ସଦସ୍ୟ ମନୋନୟନ ପାଇଁ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। କିନ୍ତୁ ପ୍ରକ୍ରିୟା ଆରମ୍ଭ ହେବାର କିଛି ସମୟ ମଧ୍ୟରେ କେତେକ ବ୍ୟକ୍ତି ହୋ-ହଲ୍ଲା ସୃଷ୍ଟି କରି ବୈଠକର ଶୃଙ୍ଖଳାକୁ ଭଙ୍ଗ କରିଥିଲେ। ପରିସ୍ଥିତିକୁ ସମ୍ଭାଳିବା ପାଇଁ କୋରମ୍ ମାଧ୍ୟମରେ ସଦସ୍ୟ ଚୟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମେ ଅନୁସୂଚିତ ଜାତି ପୁରୁଷ ବର୍ଗର ସଦସ୍ୟ ପଦ ପାଇଁ କୋରମ୍ ହୋଇଥିବାବେଳେ ପ୍ରଦୀପ କୁମାର ଭୋଇ ସର୍ବାଧିକ ୩୩ଟି ସମର୍ଥନ ପ୍ରସ୍ତାବ ପାଇ ମନୋନୀତ ହୋଇଥିଲେ। ମାତ୍ର ଏହା ପରେ ଅନ୍ୟ ୧୪ ଜଣ ସଦସ୍ୟଙ୍କ ମନୋନୟନ ପ୍ରକ୍ରିୟା ଆରମ୍ଭ ହେବା ସହିତ ବୈଠକର ପରିବେଶ ସମ୍ପୂର୍ଣ୍ଣ ଅଶାନ୍ତ ହୋଇଯାଇଥିଲା। ଅଭିଯୋଗ ଅନୁଯାୟୀ, କିଛି ବ୍ୟକ୍ତି କେବଳ ହୋ-ହଲ୍ଲା କରିନଥିଲେ, ବରଂ ଅତ୍ୟନ୍ତ ଅଶାଳୀନ ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସମଗ୍ର ବୈଠକକୁ ବିଶୃଙ୍ଖଳିତ କରିଦେଇଥିଲେ। ଏପରି ଆଚରଣ ଏକ ଶିକ୍ଷାନୁଷ୍ଠାନର ଗରିମାକୁ କ୍ଷୁଣ୍ଣ କରିବା ସହ ସମାଜ ପାଇଁ ମଧ୍ୟ ଅତ୍ୟନ୍ତ ଲଜ୍ଜାଜନକ ବୋଲି ମତ ପ୍ରକାଶ ପାଇଛି। ପ୍ରଶ୍ନ ଉଠୁଛି, ଯେଉଁ ବିଦ୍ୟାଳୟରେ ମହିଳା ଶିକ୍ଷୟିତ୍ରୀମାନେ କାର୍ଯ୍ୟରତ ଏବଂ ଶହ ଶହ କୋମଳମତି ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି, ସେଠାରେ ଏପରି ଅଶାଳୀନ ଭାଷା ଓ ଉତ୍ତେଜନାମୂଳକ ଆଚରଣ କେତେଦୂର ଗ୍ରହଣଯୋଗ୍ୟ ଶିକ୍ଷା ମନ୍ଦିରକୁ ରାଜନୈତିକ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥର ଅଖଡ଼ାରେ ପରିଣତ କରିବାର ପ୍ରବୃତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପରିସ୍ଥିତି ଅତ୍ୟଧିକ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ରାୟ ସୁରକ୍ଷା ଦୃଷ୍ଟିରୁ କମିଟି ଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିବା ଜଣାପଡ଼ିଛି। ଫଳରେ ସରକାରୀ ନିୟମ ଅନୁଯାୟୀ ସମ୍ପନ୍ନ ହେବାକୁ ଥିବା ପରିଚାଳନା କମିଟି ଗଠନ କାର୍ଯ୍ୟ ବିଳମ୍ବିତ ହୋଇଛି, ଯାହାର ପ୍ରଭାବ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟକଳାପ ଉପରେ ପଡ଼ିବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି କିମ୍ବା ଭିନ୍ନ ମତ ଥାଏ, ତେବେ ତାହାକୁ ଗଣତାନ୍ତ୍ରିକ ଓ ସଭ୍ୟ ଉପାୟରେ ଉପସ୍ଥାପନ କରାଯିବା ଉଚିତ। ହୋ-ହଲ୍ଲା, ଧମକ, ଗାଳିଗୁଲଜ ଓ ବିଶୃଙ୍ଖଳା ସୃଷ୍ଟି କରି ଶିକ୍ଷାନୁଷ୍ଠାନର ପରିବେଶକୁ କଳୁଷିତ କରିବା କେବେ ମଧ୍ୟ ସମର୍ଥନଯୋଗ୍ୟ ନୁହେଁ। ବୁଦ୍ଧିଜୀବୀ ଓ ଅଭିଭାବକମାନେ ଦାବି କରିଛନ୍ତି ଯେ, ସମଗ୍ର ଘଟଣାର ନିରପେକ୍ଷ ସମୀକ୍ଷା କରାଯାଇ ଭବିଷ୍ୟତରେ ଏପରି ଅପ୍ରୀତିକର ପରିସ୍ଥିତି ଯେପରି ଆଉ ସୃଷ୍ଟି ନହୁଏ ସେଥିପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉ।

### 'ସୁସ୍ଥ ଦୃଷ୍ଟି, ସୁସ୍ଥ ଜୀବନ'ର ବାର୍ତ୍ତା

# କିଶନନଗରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଫୁଲନଖରା :** କଟକ ସଦର ଅନ୍ତର୍ଗତ କିଶନନଗର ସ୍ଥିତ ରାଜକୃଷ୍ଣ ଶିଶୁ ନିକେତନ ପରିସରରେ ରାଜଧାନୀ ଚକ୍ଷୁ ଚିକିତ୍ସାଳୟର ଆନୁକୂଲ୍ୟରେ ଏକ ଦିବସୀୟ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଓ 'ସୁସ୍ଥ ଦୃଷ୍ଟି, ସୁସ୍ଥ ଜୀବନ' ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ




ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବହୁ ସଂଖ୍ୟକ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ମାଗଣାରେ ଔଷଧ ଓ ଚଷମା ବଣ୍ଟନ କରାଯାଇଥିଲା। ପରୀକ୍ଷା ସମୟରେ ମୋତିଆବିନ୍ଦୁରେ ଆକ୍ରାନ୍ତ ରୋଗୀମାନଙ୍କୁ ଚିହ୍ନଟ କରାଯାଇ ରାଜଧାନୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର ସହିତ ଯିବା-ଆସିବାର ସୁବିଧା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଚିକିତ୍ସା ଶିବିରକୁ ସଫଳ କରିବାରେ ଚିକିତ୍ସାଳୟ ପକ୍ଷରୁ ସରୋଜ କୁମାର ସାହୁ, ଆଶିଷ ଚାଟାର୍ଜୀ, ତୃପ୍ତି ଜେନା, ସ୍ୱପ୍ନାରାଣୀ ସ୍ୱାଇଁ ଓ ରୁବିଲତା ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସେମାନେ କେବଳ ଚିକିତ୍ସା ସେବା ପ୍ରଦାନ କରିନଥିଲେ, ବରଂ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସାଧାରଣ ଲୋକଙ୍କୁ ସଚେତନ କରିବା ଦିଗରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ରାଜକୃଷ୍ଣ ଶିଶୁ ନିକେତନର ପ୍ରଧାନ ଶିକ୍ଷକ ବିଶ୍ୱଜିତ ବେହେରା, ସମ୍ପାଦକ ଚନ୍ଦନ ନନ୍ଦୀ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଜେନା, ସହ-ସମ୍ପାଦକ ତଥା ଯୁବ ସଂଗଠକ ସତ୍ୟ ରଞ୍ଜନ ବାରିକ, ତ୍ରିଲୋଚନ ବେହେରା, ଉପଦେଷ୍ଟା ତଥା ବରିଷ୍ଠ ସାମାଜିକ କର୍ମୀ ସୀତାରାମ ପଣ୍ଡା, ନିରଞ୍ଜନ ସାହୁ, ରୋନାଲତା ବେହେରା, ପ୍ରତିମା ଦାସ ଓ ସୌଭାଗ୍ୟ ମଞ୍ଜରୀ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଶିବିରର ସୁପରିଚାଳନାରେ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟ ସେବାକୁ ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଚକ୍ଷୁ ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରକୁ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଥିବା ବେଳେ ଭବିଷ୍ୟତରେ ଏଭଳି ଜନହିତକର ସ୍ୱାସ୍ଥ୍ୟ ଶିବିର ଅଧିକ ସଂଖ୍ୟାରେ ଆୟୋଜନ କରିବାକୁ ଦାବି କରିଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରାଜ୍ୟ ସଂହତି ଶିବିର

**ବାଲେଶ୍ୱର :** ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ପକ୍ଷରୁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଆୟୋଜିତ ପାଞ୍ଚଦିନିଆ ରାଜ୍ୟ ସଂହତି ଶିବିର ଶୁକ୍ରବାର ଉଦ୍ ?ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରି କହିଥିଲେ ଯେ, 'ସଠିକ୍ ନେତୃତ୍ୱ ହିଁ ସମାଜ ବିକାଶର ପ୍ରମୁଖ ମାଧ୍ୟମ' । ଏନ୍‌ଏସ୍‌ଏସ୍ ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ସାମାଜିକ ଦାୟିତ୍ୱବୋଧ ଓ ରାଷ୍ଟ୍ର ଗଠନର ମନୋଭାବ ସୃଷ୍ଟି କରୁଥିବା ସେ କହିଥିଲେ। ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼. ପ୍ରତିମା ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

# ଛାତ୍ର ଆନ୍ଦୋଳନକୁ ନେଇ ମୁହଁ ଖୋଲିଲେ ସଲମାନ ଖାନ୍



ବଲିଉଡ୍ ସୁପରଷ୍ଟାର୍ ସଲମାନ ଖାନ୍ ଛାତ୍ର ଆନ୍ଦୋଳନକୁ ନେଇ ପ୍ରଥମ ଥର ପାଇଁ ଖୋଲାଖୋଲି ଭାବେ ନିଜର ମତ ରଖିଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଏହି ଆନ୍ଦୋଳନ ଆରମ୍ଭରୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କିଛି ଲୋକ ଏହାକୁ ରାଜନୈତିକ ରୂପ ଦେବାକୁ ଚେଷ୍ଟା କଲେ, ଯାହା ଫଳରେ ପରିସ୍ଥିତି ବିଗିଡ଼ିଗଲା। ସଲମାନ ହିଂସା ଘଟଣାରେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ଏହି ସମୟରେ ଯେଉଁ ଛାତ୍ର ଏବଂ ସେମାନଙ୍କ ପରିବାର ଆହତ ହୋଇଛନ୍ତି, ସେମାନଙ୍କ ପ୍ରତି ତାଙ୍କର ସମ୍ପୂର୍ଣ୍ଣ ସମବେଦନା ରହିଛି। ସେ ପ୍ରଶ୍ନପତ୍ର ଲିକ୍ (ଚବକ୍କରକ୍ସ ଖରବଳ) କୁ ଏକ ଅତ୍ୟନ୍ତ ଗମ୍ଭୀର ମୁଦ୍ଦା ବୋଲି କହିବା ସହ ଏହା ବିରୋଧରେ ଛାତ୍ରମାନେ ସ୍ୱର ଉତ୍ତୋଳନ କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ବୋଲି ପ୍ରକାଶ କରିଛନ୍ତି। ଅଭିନେତା କହିଛନ୍ତି ଯେ, ସାରା ଦେଶର ଛାତ୍ରଛାତ୍ରୀମାନେ ଶ୍ରେଷ୍ଠ ଶିକ୍ଷା ବ୍ୟବସ୍ଥାର ଦାବି ନେଇ ଯେପରି ଏକଜୁଟ୍ ହୋଇ ସ୍ୱର ଉଠାଇଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ। ସଲମାନଙ୍କ କହିବା ଅନୁଯାୟୀ, ଛାତ୍ରମାନେ କଠିନ ପରିଶ୍ରମ କରି ପଢ଼ିବା, ନିଜର ଭବିଷ୍ୟତ ଗଢ଼ିବା ଏବଂ ଦେଶକୁ ଶିକ୍ଷିତ କରିବାର ଚିନ୍ତାଧାରା ନେଇ ଏହି ଆନ୍ଦୋଳନ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଛାତ୍ରମାନଙ୍କ ବାପା-ମା' ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି, ଯାହାକି ଏକ ଅତ୍ୟନ୍ତ ସକାରାତ୍ମକ କଥା। ଅଭିନେତାଙ୍କ ମତରେ, ଛାତ୍ରମାନେ ପୂରା ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ ଭାବେ ଆଗେଇ ନେଇଥିଲେ ଏବଂ ସେମାନେ ଯେଉଁ ସାହସ ଓ ଦାୟିତ୍ୱବୋଧର ପରିଚୟ ଦେଇଛନ୍ତି, ତାହା ପ୍ରଶଂସାର ଯୋଗ୍ୟ। ଆନ୍ଦୋଳନକୁ ରାଜନୈତିକ ରଙ୍ଗ ଦିଆଯିବା ଉଚିତ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସଲମାନ ନିଜ ପୋଷ୍ଟରେ ନିକଟରେ ଘଟିଥିବା ହିଂସା ପ୍ରତି ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହିଂସାତ୍ମକ ରୂପ ନେବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ଆହତ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ସେ କହିଛନ୍ତି, ଦେଶର ଯୁବପିଢ଼ି ଶିକ୍ଷା ପ୍ରତି ଯେଉଁ ଦାୟିତ୍ୱବୋଧ ଓ ଉତ୍ସାହ ଦେଖାଇଛନ୍ତି, ତାହା ଭବିଷ୍ୟତରେ ଭାରତକୁ ଗର୍ବିତ କରିବ ।

ଅଭିନେତା ଆହୁରି ଆଶା ପ୍ରକାଶ କରିଛନ୍ତି ଯେ, ସରକାର ମଧ୍ୟ ଛାତ୍ରଛାତ୍ରୀଙ୍କ କଥାକୁ ଗୁରୁତ୍ୱର ସହ ଶୁଣିବେ ଏବଂ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବେ । ଭାରତ ଏପରି ଏକ ଶିକ୍ଷା କେନ୍ଦ୍ର ହେଉ, ଯେଉଁଠାକୁ ବିଶ୍ୱର ବିଭିନ୍ନ ଦେଶର ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସିବେ ବୋଲି ସେ ଇଚ୍ଛା ପ୍ରକାଶ କରିଛନ୍ତି । ସଲମାନ ଖାନଙ୍କ ଏହି ପୋଷ୍ଟ ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଛି। ବହୁ ପ୍ରଶଂସକ ଓ ସାଧାରଣ ଲୋକ ତାଙ୍କ ମତକୁ ସମର୍ଥନ କରିଥିବାବେଳେ, ଏହାକୁ ନେଇ ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି ।

## 'ଲୋକା' ପରେ 'ପ୍ରଳୟ'ରେ ଆକ୍ସନ

# ରଣବୀର ସିଂହଙ୍କ ସ୍କ୍ରିନ ସେୟାର କରିବେ କଲ୍ୟାଣୀ ପ୍ରିୟଦର୍ଶନ



'ଲୋକା: ଭାଗ-୧ ଚନ୍ଦ୍ରା'ର ବ୍ଲକବଷ୍ଟର ସଫଳତା ପରେ ବଲିଉଡ୍ ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଛନ୍ତି କଲ୍ୟାଣୀ ପ୍ରିୟଦର୍ଶନ । ଫିଲ୍ମ 'ପ୍ରଳୟ' ଜରିଆରେ ସେ ବଲିଉଡରେ ଏଣ୍ଟ୍ରି କରିବେ । ରଣବୀର ସିଂହଙ୍କ ଅପୋଜିଟରେ ଦମଦାର ଆକ୍ସନ୍-ପ୍ୟାକଡ ଅବତାରରେ ତାଙ୍କୁ ଦେଖିବାକୁ ପାଇବେ ସିନେପ୍ରେମୀ । ଚିରାଚରିତ ମୁଖ୍ୟ ନାୟିକା ଚରିତ୍ରଠୁ ଭିନ୍ନ ଅନ୍ଦାଜରେ ପରଦାକୁ ଓହ୍ଲାଇବେ କଲ୍ୟାଣୀ । ଜୋମ୍ବି-ଥ୍ରିଲରଧର୍ମୀ ଏହି ଫିଲ୍ମରେ ତାଙ୍କର ଦମଦାର ଷ୍ଟଣ୍ଟ ରହିବ । ରଣବୀରଙ୍କ ସମେତ ତାଙ୍କର ବ୍ୟାପକ ଲଢ଼େଇ ସିନ୍, ବିପଦପୂର୍ଣ୍ଣ ଷ୍ଟଣ୍ଟ ରହିବ । 'ଲୋକା'ର ପ୍ରଥମ ଭାଗରେ କଲ୍ୟାଣୀ ଯକ୍ଷ ଭୂମିକାରେ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେବା ପରେ ଆକ୍ସନ୍ ଫିଲ୍ମ ପ୍ରସ୍ତୁତ କରୁଥିବା ନିର୍ମାତାଙ୍କର ତାଙ୍କ ପ୍ରତି ଭରସା ବଢ଼ିଲା। 'ପ୍ରଳୟ'ରେ ଆକ୍ସନ୍ ସିକ୍ୱେନ୍ସ ଲାଗି ରଣବୀରଙ୍କ ଭଳି ସେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଷ୍ଟଣ୍ଟ ପ୍ରଶିକ୍ଷକଙ୍କଠୁ ତାଲିମ ନେବେ। ଏହାକୁ ଭାରତର ସବୁଠୁ ବଡ଼ ଆକ୍ସନ୍ ଫିଲ୍ମ ରୂପେ ପରଦାକୁ ଆଣିବା ନିର୍ମାତାଙ୍କର ଯୋଜନା । ଦର୍ଶକଙ୍କୁ ହଲିଉଡ୍ ଫିଲ୍ମର ଅନୁଭବ ପ୍ରଦାନ କରିବା ସେମାନଙ୍କର ଲକ୍ଷ୍ୟ। ଆସନ୍ତା ମାସ ସୁଟିଂ ଫ୍ଲୋର୍କୁ ଓହ୍ଲାଇବ 'ପ୍ରଳୟ' । କଲ୍ୟାଣୀ ଆସନ୍ତା ସେପ୍ଟେମ୍ବରରେ 'ଲୋକା: ଭାଗ-୨'ର ସୁଟିଂ ଆରମ୍ଭ କରିବେ ବୋଲି ନିକଟରେ ସ୍ପଷ୍ଟ କରିଛନ୍ତି । ୫ ଭାଗଯୁକ୍ତ ଏହି ପ୍ରୋଜେକ୍ଟ ଆଞ୍ଚଳିକ ଲୋକକଥାର ନାଟ୍ୟ ରୂପାନ୍ତର ।

# କରଣଙ୍କ ନାଁରେ ଗମ୍ଭୀର ଅଭିଯୋଗ ଆଣିଲେ ଅଭିନେତ୍ରୀ



ଟିଭି ଅଭିନେତ୍ରୀ ସାନଭି ତଲୱାର ଅଭିନେତା କରଣ କୁନ୍ଦ୍ରାଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। 'ୟେ କହାନ ଆ ଗୟେ ହମ' ଟିଭି ଶୋ'ର ଶୁଟିଂ ସମୟରେ କରଣ ତାଙ୍କ ସହିତ ଦୁର୍ବ୍ୟବହାର କରିଥିବା ସେ କହିଛନ୍ତି। ସାନଭି କହିଛନ୍ତି, କରଣ ଏବଂ ଶୋ'ର ତତ୍କାଳୀନ ନିର୍ଦ୍ଦେଶକଙ୍କୁ ମୁଁ ସେଟରେ ଦୂରେଇ ରହିବା ଏବଂ ଅଧିକ ସାମାଜିକ ଭେଟଘାଟ ନ କରିବା ପସନ୍ଦ ଆସି ନ ଥିଲା। ଏକ ଦୃଶ୍ୟ ଚାଲୁଥିଲା, କିନ୍ତୁ ନିର୍ଦ୍ଦେଶକ ଆକ୍ସନ ଡାକି ନ ଥିଲେ। ଏହା ପୂର୍ବରୁ କରଣ ମୋତେ ଚୁମ୍ବନ ଦେଇଥିଲେ, ତେଣୁ ମୁଁ ତାଙ୍କୁ ଚାପୁଡ଼ା ମାରିଥିଲି। ସେ ସେତେବେଳେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। କିନ୍ତୁ କିଛି ସମୟ ପରେ, ସେ ଫେରି ଆସି ମୋତେ ଜୋରରେ ଚାପୁଡ଼ା ମାରିଥିଲେ। ଜଣେ ଝିଅ ଏବଂ ଜଣେ ପୁଅଙ୍କ ଚାପୁଡ଼ାର ବଳରେ ପାର୍ଥକ୍ୟ ଅଛି। ମୁଁ ତଳେ ପଡ଼ିଗଲି। ଏହା ପରେ ସେ ମୋତେ ଏବଂ ମୋ ପରିବାରକୁ ଗାଳି ଦେବା ଆରମ୍ଭ କଲେ। ସେତେବେଳେ ସେଟରେ କେହି ମୋତେ ସମର୍ଥନ କରି ନ ଥିଲେ। ପ୍ରଯୋଜକ ଏକତା କପୁର ପରେ କରଣଙ୍କ ପକ୍ଷରୁ କ୍ଷମା ମାଗି ତାଙ୍କ ସମର୍ଥନ କରିଥିଲେ, ଯାହା ତାଙ୍କ କାମକୁ ଟିକେ ସହଜ କରିଥିଲା। କରଣ ସେତେବେଳେ ଅଭିନେତ୍ରୀ ଅନୁଷା ଦାଣ୍ଡେକରଙ୍କୁ ଡେଟ କରୁଥିଲେ। ଘଟଣା ବିଷୟରେ ଜାଣିବା ପରେ, ଅନୁଷା ମଧ୍ୟ ସେଟକୁ ଆସିବାକୁ ଲାଗିଲେ। ଏହା ସତ୍ତ୍ୱେ କରଣ ଏବଂ ନିର୍ଦ୍ଦେଶକ ତାଙ୍କ ପାଇଁ କାର୍ଯ୍ୟ ପରିବେଶକୁ କଷ୍ଟକର କରି ଦେଇଥିଲେ।

# ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନମାନଙ୍କ ଦବଦବା



**ନୂଆଦିଲ୍ଲୀ :** ICC ଦ୍ୱାରା ବୁଧବାର ନୂତନ ରାଙ୍କିଙ୍ଗ ଜାରି କରାଯାଇଛି। ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନମାନଙ୍କ ଦବଦବା ଜାରି ରହିଥିବାବେଳେ କ୍ୟାପଟେନ ଶୁବମନ ଗିଲ୍ ନମ୍ବର-୧ ହେବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟପ-୪ ଜଣଙ୍କ ମଧ୍ୟରେ ୩ ଜଣ ଭାରତୀୟ ଖେଳାଳି ସାମିଲ ଅଛନ୍ତି, ଯେଉଁଥିରେ କ୍ୟାପଟେନ ଗିଲ୍‌ଙ୍କ ସହିତ ରୋହିତ ଶର୍ମା ଏବଂ ବିରାଟ କୋହଲି ଅଛନ୍ତି। ଟପ-୧୦ କଥା କହିବାକୁ ଗଲେ ୩ଟି ପରିବର୍ତ୍ତନ ଘଟିଛି। ଟିମ ଇଣ୍ଡିଆ ବିରୁଦ୍ଧରେ ନିକଟରେ ଶେଷ ହୋଇଥିବା ଦିନିକିଆ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଜୋ ରୁଟ ୪ଟି ସ୍ଥାନ ଉପରକୁ ଉଠିଛନ୍ତି। ନ୍ୟୁଜିଲାଣ୍ଡର ଡେରିଲ ମିଚେଲ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗ୍‌ର ପ୍ରଥମ ସ୍ଥାନରେ ଅଛନ୍ତି। ତାଙ୍କର ୮୦୨ ରେଟିଂ ରହିଥିବାବେଳେ ୮୦୧ ରେଟିଂ ସହିତ ଭାରତୀୟ କ୍ୟାପଟେନ ଶୁବମନ ଗିଲ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବିରାଟ କୋହଲି ଏହି ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ସେ ଇଂଲଣ୍ଡ ବିରୁଦ୍ଧରେ ଦ୍ୱିତୀୟ ଦିନିକିଆରେ ୬୫ ଏବଂ ତୃତୀୟ ଦିନିକିଆରେ ୭୪ ରନର ଚମତ୍କାର ଇନିଂସ ଖେଳିଥିଲେ। ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ଥିବାବେଳେ ସେ ଇଂଲଣ୍ଡ ବିରୁଦ୍ଧରେ ତୃତୀୟ ଦିନିକିଆରେ ୧୩୮ ରନର ଏକ ଐତିହାସିକ ଇନିଂସ ଖେଳିଥିଲେ। ସେ ହେଉଛନ୍ତି ଲଡରସରେ ଦିନିକିଆ ଶତକ ହାସଲ କରିଥିବା ଏକମାତ୍ର ଭାରତୀୟ ବ୍ୟାଟ୍ସମ୍ୟାନ। ରୋହିତଙ୍କର ୭୫୮ ରେଟିଂ ପଏଣ୍ଟ ରହିଛି।

ODI ପାଇଁ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗ୍‌ର ଶୀର୍ଷ ୧୦ ଜଣ ଖେଳାଳିଙ୍କ ତାଲିକା: ୧. ଡେରିଲ ମିଚେଲ (ନ୍ୟୁଜିଲାଣ୍ଡ) ୨. ଶୁବମନ ଗିଲ (ଭାରତ) ୩. ବିରାଟ କୋହଲି (ଭାରତ) ୪. ରୋହିତ ଶର୍ମା (ଭାରତ) ୫. ଇବ୍ରାହିମ ଜାଦ୍ରାନ (ଆଫଗାନିସ୍ତାନ) ୬. ବାବର ଆଜମ (ପାକିସ୍ତାନ) ୭. ହ୍ୟାରି ଟ୍ରେକ୍ଟର (ଆୟର୍ଲ୍ୟାଣ୍ଡ) ୮. ଜୋ ରୁଟ (ଇଂଲଣ୍ଡ) ୯. ଶାଇ ହୋପ (ୱେଷ୍ଟଇଣ୍ଡିଜ) ୧୦. ଚରିଥ ଅସଲଙ୍କା (ଶ୍ରୀଲଙ୍କା)

# କ୍ରିକେଟ୍ ଅଷ୍ଟ୍ରେଲିଆ ଦଳରେ ୩ ଭାରତୀୟ ବଂଶୋଦ୍ଭବ



**ସିଡ୍‌ନି:** ଭାରତୀୟ ମୂଳର ୩ ଯୁବ କ୍ରିକେଟର ଜେର୍ସିସ୍ ୱାଡିଆ, ଆର୍ଯ୍ୟନ ଶର୍ମା, ଜାସନ ସାଙ୍ଘା କ୍ରିକେଟ୍ ଅଷ୍ଟ୍ରେଲିଆର ପାଥ୍‌ୱେ ଦଳରେ ସ୍ଥାନ ପାଇଛନ୍ତି। ଦକ୍ଷିଣ ଅଷ୍ଟ୍ରେଲିଆ ବ୍ୟାଟର ଜେର୍ସିସ୍‌ଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆ ଏକାଦଶ ଦଳରେ ରହିଛନ୍ତି। ଏହି ଦଳ ଡରଓ୍ୱିନ୍‌ରେ ଅଗଷ୍ଟ ୬ରୁ ୮ ତାରିଖ ପର୍ଯ୍ୟନ୍ତ ବାଂଲାଦେଶ ପୁରୁଷ ଟେଷ୍ଟ୍ ଦଳ ସହ ଏକ ତିନିଦିନିଆ ମ୍ୟାଚ୍ ଖେଳିବ। ଆଡିଲେଡ୍‌ର ପ୍ରିମିୟର କ୍ରିକେଟ୍ ସିଷ୍ଟମ୍ ଦେଇ ଆସିଥିବା ଜେର୍ସିସ୍ ବିଗ୍ ମାସ୍ ଲିଗ୍ (ବିବିଏଲ୍)ରେ ଆଡିଲେଡ୍ ଷ୍ଟ୍ରାଇକର୍ସ ଦଳରେ ସଦସ୍ୟ ଥିଲେ। ସେହିଭଳି ଭିକ୍ଟୋରିଆ ଅଲ୍‌ରାଉଣ୍ଡର ଅର୍ଯ୍ୟନ ଓ ଆଡିଲେଡ ଷ୍ଟ୍ରାଇକର ବ୍ୟାଟର ସାଙ୍ଘା ଚେନ୍ନାଇରେ ହେବାକୁଥିବା ଏମ୍‌ଆରଏଫ୍ ଏକାଡେମି କାର୍ଯ୍ୟକ୍ରମ ଲାଗି ଅଷ୍ଟ୍ରେଲିଆର ପୁରୁଷ ଡେଭ୍‌ଲପ୍‌ମେଣ୍ଟ୍ ଦଳରେ ସାମିଲ ହୋଇଛନ୍ତି। ଆର୍ଯ୍ୟନ ପୂର୍ବରୁ ଆଇସିସି ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଖେଳିଥିଲେ। ମଧ୍ୟ ବିବିଏଲ୍‌ରେ ମେଲ୍‌ବର୍ଣ୍ଣ ଷ୍ଟାର୍ସର ସଦସ୍ୟ ରହିଥିଲେ। ଚେନ୍ନାଇରେ ଡେଭ୍‌ଲପ୍‌ମେଣ୍ଟ୍ ଦଳ ଅଗଷ୍ଟ ୫ରୁ୬ ଏବଂ ୧୦ରୁ ୧୧ ତାରିଖରେ ୨ଟି ଦୁଇଦିନିଆ ମ୍ୟାଚ୍ ଖେଳିବ। ବାଂଲାଦେଶ ବିପକ୍ଷ ଡରଓ୍ୱିନ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଶିକ୍ଷକ ଟିମ୍ ନେଲସନ୍ ସିଏ ଏକାଦଶର ଦାୟିତ୍ୱରେ ରହିବେ। ସେହିଭଳି ଚେନ୍ନାଇ ଗସ୍ତରେ ଡେଭ୍‌ଲପ୍‌ମେଣ୍ଟ ଦଳ ସହ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପାଇନ୍ ଓ ଆନଷ୍ଟାନୀ କ୍ଲାର୍କ ଆସିବେ।

## ବିସିସିଆଇର ବଡ଼ ଘୋଷଣା

# ଜାଣିଶୁଣି ଫ୍ରଣ୍ଟ-ଫୁଟ ନୋ-ବଲ ପକାନ୍ତି ସମଗ୍ର ମ୍ୟାଚରୁ ବାହାର କରାଯିବ

**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୨୦୨୬-୨୭ ଘରୋଇ କ୍ରିକେଟ ସିଜନ ପୂର୍ବରୁ ଖେଳର ନିୟମରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ନୂତନ ନିୟମଗୁଡ଼ିକର ପ୍ରଭାବ ମୁଖ୍ୟତଃ ବୋଲର ଏବଂ ଉଇକେଟ୍ କିପରମାନଙ୍କ ଉପରେ ପଡ଼ିବ। ସବୁଠାରୁ ବଡ଼ ନିଷ୍ପତ୍ତି ସେହି ବୋଲର ମାନଙ୍କୁ ନେଇ ନିଆଯାଇଛି ଯେଉଁମାନେ ଜାଣିଶୁଣି ନୋ-ବଲ ପକାନ୍ତି। ଏବେ ଏପରି କଲେ ବୋଲରଙ୍କୁ ସମଗ୍ର ମ୍ୟାଚ ପାଇଁ ବାସନ୍ଦ କରାଯିବ। ଏହାବ୍ୟତୀତ, ମଲ୍ଟି-ଡେ ମୁକାବିଲାରେ ଦିନର ଶେଷ ଓଭରକୁ ନେଇ ମଧ୍ୟ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ବିସିସିଆଇ ଏହି ସଂଶୋଧିତ ନିୟମଗୁଡ଼ିକର ସୂଚନା ସମସ୍ତ ରାଜ୍ୟ କ୍ରିକେଟ ସଂଘକୁ ପଠାଇ ଦେଇଛି।

ବିସିସିଆଇର ନୂତନ ନିୟମ ଅନୁଯାୟୀ, ଯଦି କୌଣସି ବୋଲର ଜାଣିଶୁଣି ଫ୍ରଣ୍ଟ-ଫୁଟ ନୋ-ବଲ ପକାନ୍ତି, ତେବେ ତାଙ୍କୁ କେବଳ ସେହି ପାଳିରୁ ନୁହେଁ, ବରଂ ସମଗ୍ର ମ୍ୟାଚରୁ ବାହାର କରାଯିବ। ପୂର୍ବରୁ ଏପରି ମାମଲାରେ ବୋଲରଙ୍କୁ କେବଳ ସେହି ପାଳିରେ ବୋଲିଂ କରିବାରୁ ବାରଣ କରାଯାଉଥିଲା, କିନ୍ତୁ ସେ ଦ୍ୱିତୀୟ ପାଳିରେ ବୋଲିଂ କରିପାରୁଥିଲେ। କିନ୍ତୁ ଏବେ ଏଭଳି ଭୁଲ କଲେ ବୋଲରଙ୍କୁ ସମଗ୍ର ମ୍ୟାଚରୁ ବାହାର କରିଦିଆଯିବ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଓଡ଼ିଆ କ୍ରୀଡ଼ାବିତ୍

## ଜିତିଛନ୍ତି ୩ ସ୍ୱର୍ଣ୍ଣ ସହ ୧୩ ପଦକ









**ଭୁବନେଶ୍ୱର :** ଦୀର୍ଘ ୯୬ ବର୍ଷର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତୀୟ ଦଳ ୫୬୪ଟି ପଦକ ଜିତିଛି । ଏଥିରେ ୨୦୩ଟି ସ୍ୱର୍ଣ୍ଣ, ୧୯୦ଟି ରୌପ୍ୟ ଓ ୧୭୧ଟି ବ୍ରୋଞ୍ଜ ପଦକ ସାମିଲ ରହିଛି । ଏହି ପରିପ୍ରେକ୍ଷୀରେ ଯଦି ଓଡ଼ିଶା କଥା ବିଚାରକୁ ନିଆଯାଏ ତେବେ ଏ ପର୍ଯ୍ୟନ୍ତ ୨୯ ଜଣ ଓଡ଼ିଆ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି । ସେମାନଙ୍କ ମଧ୍ୟରେ ୧୩ ଜଣ ପଦକ ଜିତିଛନ୍ତି। ଏଥିରେ ୩ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ସାମିଲ ରହିଛି । ୧୯୮୨ ସଂସ୍କରଣରେ ପ୍ରଥମ ଓଡ଼ିଆ ଭାବେ ସ୍ୱର୍ଗତ ବିଜୟ କୁମାର ଶତପଥୀ ଭାରୋତ୍ତୋଳନରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ । ସେ ରୌପ୍ୟ ପଦକ ଜିତିଥିଲେ । ୨୦୦୨ କ୍ରୀଡ଼ାରେ ମହିଳା ହକି ଦଳରେ ସାମିଲ ହୋଇଥିଲେ ଜ୍ୟୋତି ସୁନୀତା କୁଲୁ । ଭାରତୀୟ ଦଳ ସ୍ୱର୍ଣ୍ଣ ଜିତିଥିଲା । ସେମିତି ମହିଳା ଭାରୋତ୍ତୋଳନରେ ପ୍ରସ୍ମିତା ମଙ୍ଗରାଜ ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ । ୨୦୦୬ ମେଲବର୍ଣ୍ଣ କ୍ରୀଡ଼ାରେ ଭାରତୀୟ ମହିଳା ହକି ଦଳ ରୌପ୍ୟ ଜିତିଥିଲା । ଏହି ଦଳରେ ଓଡ଼ିଶାରୁ ସୁଭଦ୍ରା ପ୍ରଧାନ, ଜ୍ୟୋତି ସୁନୀତା, ନୀଳିମା କୁଜୁର ଓ ସରିତା ଲାକ୍ରା ସାମିଲ ରହିଥିଲେ । ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦିଲ୍ଲୀରେ ଆୟୋଜିତ ହୋଇଥିଲା । ଭାରୋତ୍ତୋଳନରେ କେ. ରବି କୁମାର ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେମିତି ଆଥଲେଟିକ୍ସରେ ଜଉନା ମୁର୍ମୁ ସ୍ୱର୍ଣ୍ଣ ଓ ଶ୍ରାବଣୀ ନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ୨୦୧୪ କ୍ରୀଡ଼ାରେ ରବି କୁମାର ସ୍ୱର୍ଣ୍ଣ ବଜାୟ ରଖି ପାରି ନଥିଲେ । ସେ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ । ଭାରତୀୟ ପୁରୁଷ ହକି ଦଳ ରୌପ୍ୟ ପଦକ ଜିତିଥିଲା । ବୀରେନ୍ଦ୍ର ଲାକ୍ରା ଏହି ଦଳରେ ଏକମାତ୍ର ଓଡ଼ିଆ ରହିଥିଲେ । ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପୁରୁଷ ହକି ଦଳ ରୌପ୍ୟ ଓ ମହିଳା ଦଳ ବ୍ରୋଞ୍ଜ ଜିତିଥିଲା । ପୁରୁଷ ଦଳରେ ଅମିତ ରୋହିଦାସ ଏବଂ ମହିଳା ଦଳରେ ଦୀପଗ୍ରେସ ଏକ୍କା ସାମିଲ ରହିଥିଲେ । ରାଜ୍ୟର ପ୍ରଥମ କ୍ରିକେଟ ଖେଳାଳି ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରତିନିଧିତ୍ୱ କରିଥିଲେ ପୂର୍ବତନ ଦ୍ରୁତ ବୋଲର ଦେବାଶିଷ ମହାନ୍ତି । ୧୯୯୮ କ୍ରୀଡ଼ାରେ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ।

Printed, Published, Edited & Owned By Pabitra Brahmaputra Nayak, Printed At Durga Madhav Printers, At : Bajrakabati Road, Po : Buxibazar
Dist : Cuttack-753001 & Published At-Rajnagar, Po-Rajnagar, Dist : Kendrapara-754225 (Odisha), Mo : 9437888444, E-Mail : rajbhumimedia@gmail.com

Editor : Pabitra Brahmaputra Nayak

ସଂପାଦକ : ପବିତ୍ର ବ୍ରହ୍ମପୁତ୍ର ନାୟକ